


ଶିଶୁ ଦିବସ ଆଜି: ଭାରତପୂତ ଶ୍ରଦ୍ଧାଞ୍ଜଳୀ

Odia Daily

www.theutkalsamachar.com

ଉତ୍କଳ ସମାଗମ

ସର୍ବାଧୁନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:197 14 November 2026 (Saturday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୧୯୭ ୧୪ ନଭେମ୍ବର ୨୦୨୬ (ଶନିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

'ଜାତୀୟ ବାନ୍ଦନା ପରବ–୨୦୨୬'

ବାନ୍ଦନା କେବଳ ଏକ ପର୍ବ ନୁହେଁ, ଏହା ପ୍ରକୃତି, ମାଟି ଓ ଗୋଧନର ଜୀବନ୍ତ କାବ୍ୟ :ମୁଖ୍ୟମନ୍ତ୍ରୀ



ବାରିପଦା,୧୩/୧୧(ନି/ପ୍ର):ମୟୂରଭଞ୍ଜ ଜିଲ୍ଲାର ଆସୁଆଡ଼ ଠାରେ ଆଜି ଆୟୋଜିତ 'ଜାତୀୟ ବାନ୍ଦନା ପରବ–୨୦୨୬'ର ସାଂସ୍କୃତିକ ମହାମିଳନ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମଠତା ଏବଂ ପ୍ରକୃତି ପ୍ରେମର ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କୁଡୁମୀ ସମ୍ପ୍ରଦାୟର ସମସ୍ତ ମା', ଭାଇ ଓ ଭଉଣୀମାନଙ୍କୁ 'ବାନ୍ଦନା ପରବ'ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ସର୍ବ ସମାବେଶୀ ବିକାଶ ମଡେଲରେ କୁଡୁମୀ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ବିକାଶ ପାଇଁ ସରକାର ସଦାସର୍ବଦା ବଦ୍ଧପରିକର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାନ୍ଦନା କେବଳ ଏକ ପର୍ବ ନୁହେଁ, ବରଂ ଏହା ପ୍ରକୃତି, ମାଟି, ଗୋଧନ ଏବଂ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ। ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି ଆନୁଗତ୍ୟର ଏହି ନିଆଣ ଆମ ସଂସ୍କୃତିର ଆତ୍ମା। ସେ ଆହୁରି ମଧ୍ୟ କହିଛନ୍ତି ଯେ କୁଡୁମୀ ଜାତି ହେଉଛନ୍ତି ଭୂମିର ସନ୍ତାନ ଏବଂ ମାଟିକୁ ଦେବତେ ସିଦ୍ଧି ଶସ୍ୟଶ୍ୟାମଳା କରିବାର କଳା କୁଡୁମୀ ସମାଜଠାରୁ ଶିଖିବାକୁ ମିଳେ। ପ୍ରକୃତିକୁ ମା' ଭାବେ ପୂଜା କରିବା, ଗଛଲତା, ପାହାଡ଼, ନଦୀ-ନାଳ ଏବଂ ପ୍ରାଣୀଜଗତ ସହ ସହଅସ୍ତିତ୍ୱ କରିବାର ଯେଉଁ ଅନନ୍ୟ ଶୈଳୀ ଏହି ସମାଜ ପାଖରେ ରହିଛି, ତାହା ସମଗ୍ର ମାନବ ସମାଜ ପାଇଁ ଏକ ଦିଗଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ମୟୂରଭଞ୍ଜ ମାଟି ସହ ନିଜର ଗଭୀର ଆତ୍ମିକ ସମ୍ପର୍କକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ହେଉଛି ତାଙ୍କର ଦ୍ୱିତୀୟ ଘର ଏବଂ ଘରକୁ ଜଣେ ଦିନ ଅନ୍ତରାଳରେ ଆସିଲେ ଯେପରି ଆନନ୍ଦ ମିଳିଥାଏ, ଆଜି ଠିକ୍ ସେହିପରି ଆନନ୍ଦ ଅନୁଭବ ହେଉଛି। ଲେଖୁଡ଼ର ଓ ମୟୂରଭଞ୍ଜ ଅଞ୍ଚଳର ସାନ୍ତାଳ ଓ କୁଡୁମୀ ସମ୍ପ୍ରଦାୟ ମଧ୍ୟରେ ଥିବା ଭାଇଚାରାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଆମ ଆଦିବାସୀ ସଂସ୍କୃତିରେ ଭାଇଚାରା ସବୁବେଳେ ପ୍ରଥମ ସ୍ଥାନରେ ରହିଆସିଛି। ବାଲଖାଇଜୁ ନିଜ ଗାଁରେ କୁଡୁମୀ ପରିବାରଗୁଡ଼ିକ ସହ ବଢ଼ିଥିବା ସ୍ମୃତିକୁ ରୋମନ୍ଥନ କରି ସେ ଢେଙ୍କୁଆନ ବୁଲିବା ଏବଂ ପିଠା ଖାଇବାର ନିଆରା ଅନୁଭୂତି ବାଣ୍ଟିବା ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ କୁଡୁମୀ ସମ୍ପ୍ରଦାୟର ସହଯୋଗୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସ୍ୱୀକାର କରିଥିଲେ। କୁଡୁମୀ ସମ୍ପ୍ରଦାୟର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜର୍ମରେ ବିଶ୍ୱାସ କରୁଥିବା ଏହି ପ୍ରାଚୀନ ଓ ପରିଶ୍ରମୀ କୃଷକ ସମ୍ପ୍ରଦାୟ ଓଡ଼ିଶା ସମେତ ଆସାମ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ବସବାସ କରୁଛନ୍ତି।

ମେଟ୍ରୋର ପିଙ୍କ୍ ଲାଇନର ଉଦଘାଟନ କଲେ ମୋଦୀ



ବେଙ୍ଗାଲୁରୁ, ୧୩/ ୧୧ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବେଙ୍ଗାଲୁରୁ ମେଟ୍ରୋର ପିଙ୍କ୍ ଲାଇନର ଉଦଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭିକେ ଶିବକୁମାର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଟାଲାରେକେରେରୁ ଆଇଆଇଏମ୍ ବାଙ୍ଗାଲୋର ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ନୂତନ ଭାବରେ ଖୋଲାଯାଇଥିବା ୭.୫ କିଲୋମିଟର ରାସ୍ତାରେ ଯାତ୍ରା କରିଥିଲେ। ଟ୍ରେନ୍‌ରେ ଚଢ଼ିବା ପୂର୍ବରୁ ମୋଦୀ ୟୁପିଆଇ ବ୍ୟବହାର କରି ଜାଉଟ୍‌ଗରୁ ଏକ ମେଟ୍ରୋ ଟିକେଟ କିଣି ଥିଲେ। ପ୍ରଧାନମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଶିବକୁମାର, କର୍ଣ୍ଣାଟକ ରାଜ୍ୟପାଳ ସୁଧା ଯାଦବ, ବେଙ୍ଗାଲୁରୁ ଦକ୍ଷିଣ ସାଂସଦ ତେଜସ୍ୱୀ ସୂର୍ଯ୍ୟ ଓ ମନ୍ତ୍ରୀ ଜେରି ଗୌଡ଼ା ପ୍ରମୁଖ ଟ୍ରେନ୍‌ରେ ଯାତ୍ରା କରିଥିଲେ। ଜଲନା ଅଗ୍ରାହାରାକୁ ଟାଲାରେକେରେର ସହିତ ସଂଯୋଗ କରୁଥିବା ପିଙ୍କ୍ ଲାଇନକୁ ପ୍ରାୟ ୩୪୭୦ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯାଇଛି। ଏହାର ଉଦଘାଟନ ବେଙ୍ଗାଲୁରୁର ମେଟ୍ରୋ ନେଟୱାର୍କରେ ଏକ ପ୍ରମୁଖ ସଂଯୋଗ। କର୍ଣ୍ଣାଟକ ଗତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ୧୫,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ଭିତ୍ତିଭୂମି ଓ ବିକାଶ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଥିଲେ।

୧୬ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୧୩/ ୧୧(ନି/ପ୍ର): ଆସନ୍ତା ୧୬ତାରିଖରେ ବିମିଳିଆ ଓଡ଼ିଶା ଗସ୍ତରେ ଆସିବେ ଉପରାଷ୍ଟ୍ରପତିସି.ପି. ରାଧାକ୍ରିଷ୍ଣନ। ଏହି ଗସ୍ତ ଅବସରରେ ସେ ଭୁବନେଶ୍ୱର ଓ ଜଟଣିରେ ବୁଢିତି କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ତାଙ୍କର ଗସ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜାର୍ଯ୍ୟସୂଚୀ ଅନୁଯାୟୀ, ଉପରାଷ୍ଟ୍ରପତି ସନ୍ଧ୍ୟାକାଳ ୯ଟା ୧୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବେ। ଏହାପରେ ବିଧାନସଭା ସଦସ୍ୟଙ୍କ ପାଇଁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବେ ଏହାର ଉଦ୍ ?ଘାଟନ କରିବେ। ସନ୍ଧ୍ୟା ୧୦ଟାରୁ ୧୫ଟା ମିନିଟ୍ ପର୍ଯ୍ୟନ୍ତ ଏହିକାର୍ଯ୍ୟକ୍ରମ ଚାଲିବ। ପରେ ସନ୍ଧ୍ୟା ୧୧ଟା ୨୫ ମିନିଟ୍‌ରେ ସେ ସଡ଼କ ପଥରେ ଜଟଣି ଯାତ୍ରା କରିବେ।

ଭୟଙ୍କର ଦୁର୍ଘଟଣା; ୨୩ଟି ଗାଡିକୁ ପିଟିଦେଲା ଟ୍ରକ; ୧୪ ଜଣଙ୍କ ମୃତ୍ୟୁ, ୩୦ ଆହତ



ନୂଆଦିଲ୍ଲୀ,୧୩/ ୧୧: ୟୁନାଇଟେଡ୍ ଆରବ ଏମିରେଟସ୍ ର ଫୁଜେରାହରେ ଭୟଙ୍କର ସଡ଼କ ଦୁର୍ଘଟଣା । ଗୁରୁବାର ବିଜୟିତ ରାତିରେ ନିୟନ୍ତ୍ରଣ ହରାଇ ଏକ ଟ୍ରକ୍ ୨୩ଟି ଗାଡ଼ିକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ୩ ଭାରତୀୟଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜେରଜର ଯାଆଁଳା ଭାଇଭଉଣୀ ମଧ୍ୟ ଅଛନ୍ତି । ଦୁର୍ଘଟଣାରେ ୩୦ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଅନେକ ଗାଡ଼ିରେ ନିଆଁ ଲାଗି ଯାଇଥିଲା । ବିଛି ମୃତଦେହ ଗୁରୁତର ଭାବରେ ଜଳି ଯାଇଛି, ତେଣୁ ମୃତକଙ୍କୁ ଚିହ୍ନଟ କରିବା ପାଇଁ ଡିଏନଏ ପରୀକ୍ଷା କରାଯାଉଛି । ୟୁଏଇ ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ୟୁଏଇ, ଓମାନ, ଭାରତ, ବ୍ରାଜିଲ, ପାକିସ୍ତାନ, ଜୋର୍ଡାନ ଏବଂ ଇଜିପ୍ଟର ନାଗରିକ ଅଛନ୍ତି । ଧକ୍କା ପରେ ଅନେକ ଗାଡିରେ କିପରି ନିଆଁ ଲାଗିଲା ? ଗୃହ ମନ୍ତ୍ରାଳୟ କହିବା ଅନୁସାରେ, ଏହି ଧକ୍କା ଏତେ ଶକ୍ତିଶାଳୀ ଥିଲା ଯେ, ତୁରନ୍ତେ ନିଆଁ ଲାଗିଯାଇଥିଲା । ନିଆଁ ଆଖପାଖରେ ଥିବା ଅନ୍ୟ ଜେତେକ ଗାଡିକୁ ବ୍ୟାପିଗଲା । ମନ୍ତ୍ରାଳୟ କହିଛି ଯେ, ଅଗ୍ନିକାଣ୍ଡ ବ୍ୟାପିବା କାରଣରୁ ଏହି ଦୁର୍ଘଟଣାରେ ବହୁ ଧନଜୀବନ ହାନି ହୋଇଛି । ଘଟଣା ଖବର ପାଇବା ମାତ୍ରେ ପୁଲିସ, ଆମ୍ବୁଲାନ୍ସ ଓ ସିଭିଲ୍ ଡିଫେନ୍ସ ଟିମ୍ ଘଟଣାସ୍ଥଳରେ ପହଂଚି ଥିଲେ। ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମୃତକଙ୍କ ମଧ୍ୟରେ ୟୁଏଇ, ଓମାନ, ଭାରତ, ବ୍ରାଜିଲ, ପାକିସ୍ତାନ, ଜୋର୍ଡାନ ଓ ଇଜିପ୍ଟର ନାଗରିକ ରହିଛନ୍ତି। ଦୁବାଇସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସ ମଧ୍ୟ ଏହି ଦୁର୍ଘଟଣାରେ ଭାରତୀୟଙ୍କ ମୃତ୍ୟୁ ହୋଇଥିବା ସ୍ୱୀକାର କରିଛି। ମୃତକଙ୍କ ପରିବାର ସହ ଯୋଗାଯୋଗରେ ରହିବା ସହ ସେମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନ ସହ ମିଶି କାମ କରୁଥିବା ଦୂତାବାସ ପକ୍ଷରୁ କୁହାଯାଇଛି । ୟୁଏଇର ଗୃହ ମନ୍ତ୍ରଣାଳୟ ପ୍ରାରମ୍ଭିକ ସୂଚନା ଆଧାରରେ ଏହି ସୂଚନା ଜାରି କରିଛି। ମନ୍ତ୍ରଣାଳୟ ଏକ୍ସରେ କହିଛି ଯେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଜରୁରୀକାଳୀନ ଏବଂ ବିଶେଷଜ୍ଞ ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି।

ମହାକାଶରେ ଭାରତର ବଡ଼ ଲମ୍ଫ !

୮୦୦ କୋଟି ନିବେଶରେ ଆନ୍ଧ୍ରରେ ତିଆରି ହେବ ୩୬୦ ଏକରର ରକେଟ୍ ହବ୍



ନୂଆଦିଲ୍ଲୀ,୧୩।୧୧: ମହାକାଶ ପରିବହନ କ୍ଷମତାକୁ ନୂଆ ସ୍ତରକୁ ନେବାକୁ ଚେଷ୍ଟା କରୁଛି ଭାରତ । ଏଥିପାଇଁ ଆନ୍ଧ୍ରପ୍ରଦେଶ ଜାଭୋଗେମିକ୍ ଡେଭଲପ୍‌ମେଣ୍ଟ ବୋର୍ଡ ସହ ଏମ୍ଓୟୁ କରିଛି । ଗୁରୁବାର ବିଶାଖାପଟ୍ଟନମରେ ଆୟୋଜିତ ୩ଦଳ ସିଆଇଆର ପାର୍ଟନରସିପ୍ ସମ୍ମିଳନୀରେ ଏହି ବୁଝି ହୋଇଛି । ଏହି ବିସ୍ତାର ନିମନ୍ତେ ୮୦୦ କୋଟି ଟଙ୍କାର ନିବେଶ ଘୋଷଣା ହୋଇଛି । ବର୍ତ୍ତମାନର ୨୨ ଏକର ଜାଗାରେ ଅତିରିକ୍ତ ୩୩୯ ଏକର ଯୋଡ଼ାଯିବ । ବିଶ୍ୱସ୍ତରରେ ମହାକାଶ ପରିବହନର ପରବର୍ତ୍ତୀ ଚରଣରେ ପରୀକ୍ଷଣ ପୁନଃବ୍ୟବହାରଯୋଗ୍ୟ ରକେଟ୍‌କୁ ଆଗକୁ ବଢ଼ାଇବା ପାଇଁ ଆବଶ୍ୟକ । ଜାନାନି



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଗୋହତ୍ୟାକୁ ନେଇ ଉତେଜନା, ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ
ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି

କେନ୍ଦୁଝର,୧୩/ ୧୧(ନି/ପ୍ର): କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ବଲକି ସାହିରେ ଘଟିଥିବା ଏହି ଘଟଣାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଉତେଜନା ଦେଖାଦେଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ସ୍ଥିତି ନିୟନ୍ତ୍ରଣ କରିଥିଲା । ପରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ଆଜି ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ କେନ୍ଦୁଝର ଏସ୍‌ପିଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ ରାଜନୈତିକ ମହଲରେ ମଧ୍ୟ ତେଜିଛି । ଗୋହତ୍ୟାକୁ ନେଇ ଗ୍ରାମବାସୀ ଓ ବଜରଙ୍ଗ ଦଳ କର୍ମୀଙ୍କ ମଧ୍ୟରେ ବିବାଦ। ଘଷିପୁରା ଥାନା ବଲକି ସାହିରେ ଘଟିଥିବା ଏହି ଘଟଣାକୁ ନେଇ ତୁଲ ପକ୍ଷ ମଧ୍ୟରେ ଉତେଜନା ଦେଖାଦେଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ସ୍ଥିତି ନିୟନ୍ତ୍ରଣ କରିଥିଲା । ପରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ବଜରଙ୍ଗ ଦଳ ପକ୍ଷରୁ ଗୋହତ୍ୟାରେ ସମ୍ପୃକ୍ତ ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାକୁ ଦାବି କରାଯାଇଥିବା ବେଳେ ଗ୍ରାମବାସୀ ଏହାକୁ ନିଜର ପାରମ୍ପରିକ ରୀତିନୀତି ଓ ଧାର୍ମିକ ଆସ୍ଥା ସହ ଜଡିତ ବୋଲି କହିଛନ୍ତି । ଏହି ଘଟଣାକୁ ନେଇ ଆଜି ଗ୍ରାମବାସୀଙ୍କ ପ୍ରତିନିଧି ଦଳ କେନ୍ଦୁଝର ଏସ୍‌ପିଙ୍କୁ ଭେଟିଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ବିଦ୍ୟାଯାଇଥିବା ଏପ୍ଲାଇଆର୍ଗେ ଏସ୍ସି/ଏସ୍ଟି ଆକ୍ଟ ଲାଗିଥିଲେ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗିରଫଦାରୀ ହୋଇନାହିଁ । ଏହା ସହ ଜାହେରଗାଡ଼ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ କରି ସମ୍ପୃକ୍ତ ଲୋକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ଜଣାଇଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସେମାନେ କୌଣସି ଧର୍ମ ବା ସମ୍ପ୍ରଦାୟ ବିରୋଧୀ ନୁହନ୍ତି । କିନ୍ତୁ ସେମାନଙ୍କ ପାରମ୍ପରିକ ଆସ୍ଥାସ୍ଥଳ ଜାହେରା ଉପରେ ଆକ୍ରମଣକୁ ସେମାନେ ଗ୍ରହଣ କରିପାରୁନାହାନ୍ତି । ଗ୍ରାମବାସୀଙ୍କ ଦାବି ଗ୍ରହଣ କରିବା ସହ ମାମଲାର ପୁନଃ ସମୀକ୍ଷା କରାଯିବ ଏବଂ ତଦନ୍ତ ପରେ ଆଇନ ଅନୁଯାୟୀ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି କେନ୍ଦୁଝର ଏସ୍ ପି । ଅନ୍ୟପଟେ ଏହି ଘଟଣାକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ରାଜନୈତିକ ବାଦ୍‌ଯୁଦ୍ଧ ଆରମ୍ଭ ହୋଇଛି । ବିଜେଡି ପକ୍ଷରୁ ବିଜେପି ସରକାର ଆଦିବାସୀ ବିରୋଧୀ ବୋଲି ଅଭିଯୋଗ କରାଯାଇଥିବା ବେଳେ ଏହାର ଜବାବ ରଖିଛନ୍ତି କେନ୍ଦୁଝର ସାଂସଦ ଅନନ୍ତ ନାୟକ । ଆଦିବାସୀଙ୍କୁ ସମ୍ମାନ ଓ ସେମାନଙ୍କ ପରମ୍ପରାର ସୁରକ୍ଷା ପାଇଁ ମୋଦୀ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଦେଶରେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ଏବଂ ଓଡ଼ିଶାରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ବାଘିତ୍ୱରେ ରହିବା ଏହାର ଉଦାହରଣ । ଆଦିବାସୀଙ୍କ ଇତିହାସ, ପରମ୍ପରା ଓ ସଂସ୍କୃତିକୁ ସଂରକ୍ଷଣ ଦେବା ସହ ସେମାନଙ୍କ ଆତ୍ମାସ୍ଥଳ ଜାହେରା ଉପରେ ଆକ୍ରମଣ ଅଭିଯୋଗର ଉପଯୁକ୍ତ ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି । ଏହାସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସେ ଆଶା ପ୍ରକାଶ କରିଛନ୍ତି ।

୭ଦଶମ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାକୁ କେନ୍ଦୁଝର ଜିଲ୍ଲା ଦଳର ଯାତ୍ରା
୧୬ ଜଣ ଖେଳାଳିଙ୍କୁ ନେଇ କଟକ ଅଭିମୁଖେ ଗସ୍ତ



କେନ୍ଦୁଝର,୧୩/ ୧୧ (ନି/ପ୍ର): ୭ଦଶମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଅନ୍ତର-୧୬ କ୍ରିକେଟ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ କେନ୍ଦୁଝର ଜିଲ୍ଲାର କ୍ରିକେଟ୍ ଦଳ ଆଜି ସକାଳେ କଟକ ଅଭିମୁଖେ ଯାତ୍ରା କରିଛି । ନଭେମ୍ବର ୧୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ କଟକଠାରେ ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । କେନ୍ଦୁଝର ଜିଲ୍ଲାରୁ ୧୬ ଜଣ ମନୋନୀତ ଖେଳାଳି ଏହି ପ୍ରତିଯୋଗିତାରେ ଜିଲ୍ଲାର ପ୍ରତିନିଧିତ୍ୱ କରିବେ । ଦଳ ସହିତ ପ୍ରଶିକ୍ଷକ ସମରଜିତ ସିଂହ ଓ ପ୍ରବନ୍ଧକ ରୋହିତ ମହାନ୍ତ ଗସ୍ତ କରିଛନ୍ତି । ଏହି ଅବସରରେ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଓ ଜିଲ୍ଲା କ୍ରୀଡ଼ା ସମ୍ପାଦକ ପ୍ରଦୀପ ବାରିକ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ରାଜ୍ୟସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବାକୁ ପ୍ରେରଣା ଦେଇଛନ୍ତି । ଜିଲ୍ଲାର ଏହି ଯୁବ କ୍ରିକେଟ୍ ଖେଳାଳିମାନେ ରାଜ୍ୟସ୍ତରରେ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସଫଳତା ହାସଲ କରିବେ ବୋଲି କ୍ରୀଡ଼ାପ୍ରେମୀ ମହଲରେ ଆଶା ପ୍ରକାଶ ପାଇଛି ।

ଓଡ଼ିଆ ସାରସ୍ୱତ ଜଗତରେ ଭଦ୍ରକ ଭୂଖଣ୍ଡର ବଳିଷ୍ଠ ଭୂମିକା ରହିଛି
ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟା



ଭଦ୍ରକ,୧୩/ ୧୧(ନି/ପ୍ର): ଓଡ଼ିଆ ସାରସ୍ୱତ ଜଗତରେ ଭଦ୍ରକ ଭୂଖଣ୍ଡର ବଳିଷ୍ଠ ଭୂମିକା ରହିଛି ।ଭଦ୍ରକ ମାଟିର ମଣିଷ ବିପ୍ର ଜବି ବଂଶୀ ବଲ୍ଲଭ ଗୋସ୍ୱାମୀ, ଲୋକ କବି ଜଗନ୍ନାଥ ପାଣି, ଜବି ଶେଖର ଚିନ୍ତାମଣି ମହାନ୍ତି,ଜାତୀୟ କବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ଔପନ୍ୟାସିକ ନିତ୍ୟାନନ୍ଦ ମହାପାତ୍ର,ଜେଣ୍ଡର କବି କୃଷ୍ଣପ୍ରସାଦ ବେହେରା, ଗୀତିକାର ନରସିଂହ ମହାପାତ୍ର,ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ଭଳି ବହୁ ସାରସ୍ୱତ ସାଧକ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତ ବୋଲି ଅବତ୍ତିକା ଆବାସିକ ବିଦ୍ୟାଳୟ,ଚରମ୍ପା ପ୍ରାୟୋଜିତ ତଥା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ନବମ ସନ୍ଧ୍ୟାକୁ ଜାତୀୟ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ସ୍ମରଣ କରାଯାଇଥିଲା ଏବଂ ସମାରୋହରେ 'ଓଡ଼ିଆ ସାରସ୍ୱତ ଜଗତକୁ ଭଦ୍ରକର ଅବଦାନ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।ମହୋତ୍ସବର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ନାସିର ବକ୍ସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଅବସର ପ୍ରାପ୍ତ ପ୍ରାଧାପିକା ତଥା ବିଧିବକ୍ତା ଡ. ରାଧାରାଣୀ ମହାପାତ୍ର ମୁଖ୍ୟ ଅତିଥି, ଅବସର ପ୍ରାପ୍ତ ଅଧକ୍ଷ ତଥା ସାହିତ୍ୟିକ ଶିବ ଚରଣ ଖାମୁରାଇ ମୁଖ୍ୟ ବକ୍ତା , ସ୍ତାମ୍ୟ ଉନ୍ନୟନ ଅଧିକାରୀ ତଥା ଜବି ନିର୍ମଳ ଚନ୍ଦ୍ର ବେହୁରିଆ ବରେଣ୍ୟ ବକ୍ତା, ଓଡ଼ିଶା ଡେଜସ୍ୱିନୀ ମହିଳା ସଂଗଠନର ସଭାନେତ୍ରୀ ବନ୍ଧନା ଜେନା, ସାମାଜିକ କର୍ମୀ ତଥା ଜବତ୍ତିତ୍ରୀ ସୁମିତ୍ରା ପାଣି, ଜଗା ଚାକର ସଘ , ପୁରୀ ଓ ନନ୍ଦିନୀ ମହିଳା ସଂଗଠନର ସଂଯୋଜିକା ସୁପ୍ରଭା ମିଶ୍ର ପ୍ରମୁଖ ସଜ୍ଜାନିତ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ରବି ନାରାୟଣ ଖୁଣ୍ଟାର ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ ଓ ସ୍ୱାଗତ ଭାଷଣ, ଉପସଭାପତି ତଥା ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାତ୍ରୀ ଅତିଥି ପରିଚୟ ଓ ଆବାହକ ଅଧାପକ ନୀହାର ରଞ୍ଜନ ଜର ଧନ୍ୟବାଦ ଅର୍ପଣ କରିଥିଲେ । ସହ ସମ୍ପାଦ ତଥା ଶିକ୍ଷୟିତ୍ରୀ ମନୋରମା ରାୟ ଶ୍ଲୋକପାଠ, ସାଂସ୍କୃତିକ ସମ୍ପାଦକ ରାମ ନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ନନ୍ଦିନୀ ମହିଳା ସଂଗଠନର ଆନୁକୂଲ୍ୟରେ ଜୁଲୁବୁ ଜାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜବି ନାରାୟଣ ଚନ୍ଦ୍ର ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ଜବୟିତ୍ରୀ ତିତୋଳା ଖୁଣ୍ଟାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହିଳା ଦ୍ୟାନ୍ଦୁ ସ୍ତୁପର କକାବାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ପଣ୍ଡାପଡାରେ ପୂଜା ପାଉଛନ୍ତି ମା' ଦକ୍ଷିଣ କାଳୀ

ଘଟଘାଁ,୧୩/ ୧୧(ନି/ପ୍ର):ଘାଁ ଘ ସହର ତଳ ଟଂତଳ ମୁଖରେ ପାଳନ ହେଉଛି ଜାଳୀ ପୂଜା ସେହିପରି ଘଟଘାଁ ବ୍ଲକ ପଣ୍ଡାପଡା ଠାରେ ୧୯୫୪ ମସିହା ଠାରୁ ଆଦ୍ୟବଧି ମା ଦକ୍ଷିଣ କାଳୀ ପୂଜା ଆନନ୍ଦ ଉତ୍ସବରେ ପୂଜା ପାଉଛନ୍ତି । ସ୍ଥାନୀୟ ବୁଢ଼ୀ ନଦୀକୁ ଜଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିବା ବେଳେ ପୂଜକ ଧର୍ମାନନ୍ଦ ପତି ରୀତିନୀତି ଅନୁସାରେ ପୂଜା ଚର୍ଚ୍ଚା କରିଥିବା ବେଳେ ଙ୍ଗଜଳ ରାହାସ ବିହାରୀ ପଲେଇ ତାଙ୍କୁ ସହଯୋଗ କରିଥିଲେ ନିତ୍ୟାନନ୍ଦ ବାରିକ । ଏହି ମାଆଙ୍କ ପୂଜା ଦୀର୍ଘ ଏକ ସପ୍ତାହ ଧରି ହେବାକୁ ଥିବା ବେଳେ ମିନା ବଜାର, ଜୁନି ପିଲାଙ୍କ ଦୋଳି, ବିଭିନ୍ନ ପ୍ରକାର ମିନବଜାର ଲାଗିଛି । ତାରିଦିନ ଧରି ଲୋକ ପ୍ରିୟ ମାହେଶ୍ୱରୀ ଅପେରା ପରିବେଷଣ କରାଯିବ ବୋଲି ଜମିଟ ପକ୍ଷରୁ ସୂଚନା । ଏହି ପୂଜାରେ ସମସ୍ତ ଅଂତଳର ଜନସାଧାରଣ ମାନେ ଆନନ୍ଦ ଉଠାଇବା ସହିତ ଆୟୋଜନ କରିଥିବା କମିଟର ପ୍ରେସିଡେଂଟ ପଦୁଲୋଚନ ପରିଡା, ସେକ୍ରେଟେରୀ ବଳରାମ ବାରିକ, କୋଷାଧ୍ୟକ୍ଷ ପ୍ରଦୀପ ପଲେଇ, ପୂର୍ବାଧ୍ୟକ୍ଷ ବାରିକ, ନବୀନ ପଲେଇ, ତୃତ୍ୟା ନନ୍ଦ ବେହେରା, ବିଷ୍ଣୁନନ୍ଦ ବେହେରା, ଦୁଷ୍ମନ୍ତ ବେହେରା, ଜାପାନୀ ବେହେରା, ରମେଶ ପଲେଇ, ଅନାଦି ପଲେଇ, କୃଷ୍ଣଧର ରଣା, ପରମା ନନ୍ଦ ରଣାଙ୍କୁ ପ୍ରଶଂସା କରୁଛନ୍ତି ।

ରାସ୍ତା ନାହିଁ, ଖଟିଆରେ ବୁହା ହେଉଛନ୍ତି ରୋଗୀ
ରାସ୍ତା ନିର୍ମାଣ କର ନଚେତ୍ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଅ



ରାୟଗଡ଼ା,୧୩/ ୧୧(ନି/ପ୍ର): ସ୍ୱାଧୀନତାର ୭୯ ବର୍ଷ ପରେ ବି ମିଳିନି ମୌଳିକ ସୁବିଧା । ଜିଲ୍ଲା ମୁଖ୍ୟାଳୟଠାରୁ ମାତ୍ର ୬ କିଲୋମିଟର ଦୂରରେ ଥିବା ଗାଁକୁ ନାହିଁ ପକ୍କା ରାସ୍ତା । ନାଗାବଳୀ ନଦୀ ଉପରେ ପୋଲ ନଥିବାରୁ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାର କରୁଛନ୍ତି ଗ୍ରାମବାସୀ । ଦୀର୍ଘ ବର୍ଷର ଦାବି ପରେ ବି ସମସ୍ୟାର ସମାଧାନ ନହେବାରୁ ଏବେ ତାତ୍ର ଅସନ୍ତୋଷ । ରାସ୍ତା ନିର୍ମାଣ ନକଲେ ସାମୂହିକ ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ଅନୁମତି ମାଗିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ରାୟଗଡ଼ା ସବର ବ୍ଲକ ବାଇସିଙ୍କି ପଂଚାୟତର ପୂଜାରୀ ବୋଯୁ ଗ୍ରାମକୁ ଆସିଛି ଏଭଳି ଅଭିଯୋଗ । ଏଠାରେ ବସବାସ କରୁଛନ୍ତି ପ୍ରାୟ ୭୦ଟି ପରିବାର । ଜିଲ୍ଲା ମୁଖ୍ୟାଳୟଠାରୁ ମାତ୍ର ୬ କିଲୋମିଟର ଦୂରରେ ଥିଲେ ମଧ୍ୟ ଏହି ଗାଁକୁ ଆଜି ପର୍ଯ୍ୟନ୍ତ ପହଂଚି ପାରିନି ପକ୍କା ରାସ୍ତା । ନାଗାବଳୀ ନଦୀ ଉପରେ ମଧ୍ୟ ନାହିଁ ସ୍ଥାୟୀ ପୋଲ । ଫଳରେ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ସେବା ମିଳିପାରୁନାହିଁ । ବାଧ ହୋଇ ଗ୍ରାମବାସୀ ଖଟିଆରେ ରୋଗୀଙ୍କୁ ବୋହି ନଦୀ ପାର କରାଉଛନ୍ତି । ଗର୍ଭବତୀ ମହିଳା, ରୋଗୀ ଓ ଛାତ୍ରଛାତ୍ରୀଙ୍କ ଯାତାୟାତ ମଧ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ରାସ୍ତା ଓ ପୋଲ ନିର୍ମାଣ ପାଇଁ ପଂଚାୟତଠାରୁ ଆରମ୍ଭ କରି ବିଡିଓ, ଜିଲ୍ଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ବାରମ୍ବାର ଗୁହାରି ଜଣାଇଛନ୍ତି । କିନ୍ତୁ ପ୍ରତିଶ୍ରୁତି ଓ ଆଶ୍ୱାସନା ବ୍ୟତୀତ ଏଯାଏଁ କିଛି ମିଳିନାହିଁ । ଏହାକୁ ନେଇ ଗ୍ରାମବାସୀ ସାମ୍ବାଦିକ ସମ୍ମିଳନୀ କରି ଶେଷ ଗଣତାନ୍ତ୍ରିକ ଚେତାବନୀ ଦେଇଛନ୍ତି । ୧୭ ନଭେମ୍ବର ୨୦୨୬ ସୁଦ୍ଧା ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଲିଖିତ ନିଷ୍ପତି ଓ କାର୍ଯ୍ୟାଦେଶ ଚେବାକୁ ଦାବି କରିଛନ୍ତି । ନଚେତ୍ ୧୮ ନଭେମ୍ବର ୨୦୨୬ ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସଚ୍ୟାଗ୍ରହ କରିବା ସହ ରାଷ୍ଟ୍ରପତିଙ୍କ ନିକଟରେ ସାମୂହିକ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ମାଗିବେ ବୋଲି ପ୍ରେସମିଟ୍ କରି ଉକ୍ତ ଗ୍ରାମର ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

ମଧୁବାବୁ ପେନସନ ଯୋଜନା, ଯୋଡିହେଲେ ଜିଲାର ୨୬ ହଜାର ୬୫୫ ନୂଆ ହିତାଧିକାରୀ

ଭଦ୍ରକ,୧୩/ ୧୧(ନି/ପ୍ର): ଜିଲାରେ ୨୬ ହଜାର ୬୫୫ ନୂଆ ହିତାଧିକାରୀ ଏଥର ମଧୁବାବୁ ପେନସନ ଯୋଜନାରେ ଯୋଡିହେଲେ । ଏହାପୂର୍ବରୁ ଜିଲାରେ ୧ ଲକ୍ଷ ୩୩ ହଜାର ୪୬୪ ଜଣ ଭତା ପାଉଥିଲେ । ଯୋଡିହେବା ପରେ ଏବେ ଜିଲାରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୧ ଲକ୍ଷ ୬୦ ହଜାର ୧୧୯ କୁ ବୃଦ୍ଧି ପାଇଛି । ଏହି ନୂଆ ହିତାଧିକାରୀମାନେ ୨୦୨୪ ମସିହାରୁ ଭତା ପାଇଁ ଅପେକ୍ଷାରତ ଥିଲେ । ଜିଲା ପ୍ରଶାସନ ତରଫରୁ ଆବଶ୍ୟକାଳି ସ୍ୱତନ୍ତ୍ରତାର ଅନୁଧ୍ୟାନ ହେବାକୁ ଥିବା ଜିଲାସ୍ତରୀୟ ଭତା ବଂଟନ କାର୍ଯ୍ୟକ୍ରମରେ ୫ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଅକ୍ଟୋବର ଓ ନଭେମ୍ବର ଦୁଇମାସର ଭତା ବଂଟନ କରାଯିବ । ପରେ ସମସ୍ତ ବ୍ଲକ୍‌ମାନଙ୍କରେ ନଭେମ୍ବର ୧୩ ତାରିଖରେ ବଂଟାଯିବ । ଏହି ବଂଟନ ପ୍ରକ୍ରିୟାରେ ଯେଉଁମାନେ ବଂଚିତ ହେବେ, ସେମାନେ ନଭେମ୍ବର ୨୫ ତାରିଖରେ ପଂଚାୟତ ଓ ପୌରପାଳିକା କାର୍ଯ୍ୟାଳୟରୁ ହିତାଧିକାରୀମାନେ ଭତା ଗ୍ରହଣ କରିପାରିବେ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସେଠୀ ଜହିକ୍ଷି । ଜିଲାରେ ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟରୁ ବାସୁଦେବପୁର ବ୍ଲକ୍‌ରେ ୪୪୩୦, ପ୍ରତି ମାସ ୧୫ ତାରିଖରେ ନିୟମିତ ଭତା ପ୍ରଦାନ କରାଯିବ । ଏଣିକି ଭତା ପାଇଁ ଯୋଗ୍ୟ ଯେକୌଣସି ବ୍ୟକ୍ତି ଆବେଦନ କରିବାର ପରମାଷ ଠାରୁ ଭତା ପାଇବେ। ଆଉ ପୂର୍ବବର୍ତ୍ତି ଭଳି ଅପେକ୍ଷା କରିବାକୁ ପଡିବ ନାହିଁ। ଯୋଗ୍ୟ ବ୍ୟକ୍ତି ଭତା ପାଇବା ପାଇଁ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ଆବେଦନ କରିପାରିବେ ଜିଲା ଅନଲାଇନ୍ ପୋର୍ଟାଲରେ ଆବେଦନ କରିପାରିବେ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସେଠୀ ଜହିକ୍ଷି । ଜିଲାରେ ସମୁଦାୟ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟରୁ ବାସୁଦେବପୁର ବ୍ଲକ୍‌ରେ ୪୪୩୦, ମୋଟ ୨୬ ହଜାର ୬୫୫ ଜଣ ନୂଆ ହିତାଧିକାରୀ ଭତା ପାଇବେ ।

'ଅସ୍ମିତା ଖେଲୋ ଇଣ୍ଡିଆ' ଓ ଜିଲ୍ଲା ଉଶୁ ଚାମ୍ପିଅନସିପ୍ ଅନୁଷ୍ଠିତ



ଅବୁଗୋଇ,୧୩/ ୧୧(ନି/ପ୍ର): ରାଜ୍ୟ ଉଶୁ ଆସୋସିଏସନ୍, ଜିଲ୍ଲା ଉଶୁ ଆସୋସିଏସନ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ 'ଅସ୍ମିତା ଖେଲୋ ଇଣ୍ଡିଆ' ଓ ଜିଲ୍ଲା ଉଶୁ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଅପରାହ୍ନରେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ମାନ୍ୟବର ପାଲଇହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉଶୁ ଆସୋସିଏସନ୍‌ର ଟେକ୍ନିକାଲ ଡାଇରେକ୍ଟର ତଥା ଆନ୍ତର୍ଜାତୀୟ ଜଜ୍ ଶ୍ରୀ ପ୍ରତ୍ୟୁମ୍ନ ବେହେରା ଏବଂ ପୂର୍ବତନ ନଗରପାଳ ଶ୍ରୀ ଇଚ୍ଛି ପ୍ରସାଦ ଦାସ, ଉଶୁ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ତଥା ଆନ୍ତର୍ଜାତୀୟ ଜଜ୍ ଶ୍ରୀ ସୁଶାନ୍ତ ନାଏକ, ଜିଲ୍ଲା ଉଶୁ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଶ୍ରୀ ବିନେଶ ପ୍ରଧାନ, ଉପସଭାପତି ଶ୍ରୀ ରାଜେଶ ମିଶ୍ର, ଉପବେଷ୍ଟା ଶ୍ରୀ ବୁଦ୍ଧୁ ସାହୁ ଓ ଶ୍ରୀ ବୋଜଗୋବିନ୍ଦ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ତ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯ

ବିବିଧା

ଆଜିର ରାଶିଫଳ

ମେଷ: ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

ବୃଷ: ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିରିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆତରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

ମିଥୁନ: ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କର୍କଟ: ବିଦ୍ୟାର୍ଥୀ ବିଦେଶଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ଚରିଷ୍ଣ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

ସିଂହ: ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

କନ୍ୟା: ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରତ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ତୁଳା: ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସଜାରାମୂଳ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଡ଼ଙ୍କର ମଧ୍ୟରତା ରକ୍ଷା କରିବେ।

ବିଛା: ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରଯାତ୍ରାକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

ଧନୁ: କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

ମକର: ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି ବଡ଼ କାମ ନେଇ ଅଧିକ ଚିନ୍ତା କରିବେ ନାହିଁ। ଲାଭ ଜଣାଶୁଣା ସହ ହସ ଖୁସିରେ ଦିନ କାଟିବେ। ଚାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

କୁମ୍ଭ: ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରାଜନୀତିରେ ଜାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ ଜଏ।ଯୁକ୍ତ କୁନେଇ ଜଘଯୁକ୍ତ ନିର୍ଣ୍ଣୟ ନେବେ।

ମୀନ: ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

ଆଜିର ଇତିହାସ

- ୧୬୮୦- ମହାରାଜା ରଣଜୀତ ସିଂହଙ୍କ ଜନ୍ମ।
- ୧୯୪୮- ଅଖିଳା ଗଣରାଜ୍ୟ ହେଲା।
- ୧୯୮୫- କଲମ୍ବିଆରେ ଜ୍ୱାଳାମୁଖୀ ବିସ୍ଫୋରଣ ହେବାରୁ ୨୩ ହଜାର ଲୋକଙ୍କ ମୃତ୍ୟୁ।
- ୧୯୯୭- ସୁରଖା ପରିଷଦ ଭରାକ୍ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଲା।

ଆଜି ଆସିଥିଲେ

କବି ମାୟାଧର ମାନସିଂହ

ଓଡ଼ିଆ ସାହିତ୍ୟ ଜଗତରେ ଯେଉଁ କେତେଜଣ ମନୀଷୀ ନିଜର ଅନନ୍ୟ ସାରସତ ପ୍ରତିଭା ବଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେମାନଙ୍କ ମଧ୍ୟରେ ଫକୁଣ୍ଡା ଜନ୍ମକୁ ମାୟାଧର ମାନସିଂହ ଅନ୍ୟତମ। ସେ ଏକାଧାରରେ ଥିଲେ ଜଣେ କବି, ପ୍ରାବନ୍ଧିକ, ଶିକ୍ଷାବିତ୍, ଅନୁବାଦକ ଓ ଜଣେ ମହାନ ସମାଜସେବୀ। ଓଡ଼ିଆ ସାହିତ୍ୟ ଜଗତରେ ପ୍ରେମ, ସୌନ୍ଦର୍ଯ୍ୟ ଓ ମାନବୀୟ ଆବେଗର ମନୋଜ୍ଞ ଚିତ୍ରଣ ପାଇଁ ସେ 'ପ୍ରେମିକ କବି' ଭାବରେ ସର୍ବଜନ ଆଦୃତ। ଓଡ଼ିଆ ଲଘା ସାହିତ୍ୟରେ କବିତାର ଧାରାଳାଖଙ୍କ ପରେ ମାୟାଧର ହେଉଛନ୍ତି ନୂତନ ପିଢ଼ିର ପ୍ରମୁଖ ରୋମାଣ୍ଟିକ୍ କବି। ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ଲେଖିଥିଲେ। ମାୟାଧର ମାନସିଂହ ଓଡ଼ିଶାର ପୁରା ଜିଲ୍ଲାସ୍ଥିତ ନନ୍ଦକା ଗ୍ରାମରେ ୧୯୦୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଆ ଲେଖକଙ୍କ ଓ କବି ହେମଲାଲ ମାନସିଂହଙ୍କୁ ବିବାହ କରିଥିଲେ। ଉତ୍ତଳ ବଗସରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଥିଲେ। ସେ ରେଭେନ୍ସୋ ମହାବିଦ୍ୟାଳୟରୁ ବି.ଏ. ଓ ପାଟଣା ବିଶ୍ୱବିଦ୍ୟାଳୟରୁ ଏମ୍.ଏ ପାସ୍ କରିଥିଲେ। ଇଂଲଣ୍ଡର



ଡରହାମ ବିଶ୍ୱବିଦ୍ୟାଳୟରେ ସେକ୍ସପିୟର ଓ କାଳିଦାସଙ୍କ ସାହିତ୍ୟରେ ତୁଳନାତ୍ମକ ପ୍ରବନ୍ଧ ପ୍ରସ୍ତୁତ କରିସେ ପିଏଚ୍‌ଡି ଲାଭ କରିଥିଲେ। ସେ ଓଡ଼ିଶାର ପ୍ରଥମ ଡକ୍ଟରେଟ ଉପାଧିଧାରୀ ଥିଲେ। ସେ ସେକ୍ସପିୟରଙ୍କ ଲିଖିତ "Othello" କୁ ଓଡ଼ିଆରେ ରୂପାନ୍ତର କରିଥିଲେ। ୧୯୦୫ ମସିହା ଆଜିର ଦିନରେ ପୁରା ଜିଲ୍ଲାର କୃଷ୍ଣପ୍ରସାଦ ବୁଜ ଅନ୍ତର୍ଗତ ନନ୍ଦକା ଗ୍ରାମରେ ମାନସିଂହଙ୍କ ଜନ୍ମ। ସେଠାର ପ୍ରାକୃତିକ ସୌନ୍ଦର୍ଯ୍ୟ ତାଙ୍କ କବି ପ୍ରାଣକୁ ବେଶ୍ ଆନ୍ଦୋଳିତ କରିଥିଲା। କଟକର ଐତିହାସିକ ରେଭେନ୍ସା କଲେଜରୁ ଶିକ୍ଷା ସମାପ୍ତ କରିବା ପରେ ସେ ସେକ୍ସପିୟର ଓ ମହାକବି କାଳିଦାସଙ୍କ କାବ୍ୟ ଶୈଳୀ ଉପରେ ଗବେଷଣା କରି ପିଏଚ୍. ଡି. ଉପାଧି ହାସଲ କରିଥିଲେ। ସେ ସେହି ସମୟରେ ଓଡ଼ିଶାର ପ୍ରଥମ ଡକ୍ଟରେଟ୍ ଡିଗ୍ରୀଧାରୀମାନଙ୍କ ମଧ୍ୟରୁ ଜଣେ ହେବାର ଗୌରବ ଲଭିଥିଲେ। ତାଙ୍କ ରଚିତ କବିତା ସଂକଳନ 'ଧୂପ' ଓଡ଼ିଆ ରୋମାଣ୍ଟିକ କାବ୍ୟ ଧାରାର ଏକ ଶ୍ରେଷ୍ଠ ନିଦର୍ଶନ। ସେହିଭଳି 'କୋଣାର୍କ', 'ଏଇ ସହକାର ତରୁ', 'ସାଧବ ବିଅ', 'ହେମଶଙ୍ଖ' ଓ 'ମାଟିବାଣୀ' ଆଦି କାବ୍ୟ ଓଡ଼ିଆ ସାହିତ୍ୟର ଗୁରାମୂଲ୍ୟ ଉତ୍ତ। ସେକ୍ସପିୟରଙ୍କ ପ୍ରସିଦ୍ଧ ନାଟକ 'ହାମଲେଟ୍'କୁ ଓଡ଼ିଆରେ ଅନୁବାଦ କରି ସେ ନିଜର ଅନୁବାଦ ଦକ୍ଷତାର ପରିଚୟ ଦେଇଥିଲେ। ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଏହି ଅତୁଳନୀୟ ଅବଦାନ ପାଇଁ ୧୯୬୨ ମସିହାରେ ଭାରତ ସରକାର ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ କରିଥିଲେ। ୧୯୬୩ ମସିହା ଅକ୍ଟୋବର ୧୧ ତାରିଖରେ ଏହି ମହାନ ସାରସ୍ୱତ ସାଧକଙ୍କ ଦେହାନ୍ତ ହୋଇଥିଲା।

ରକ୍ତର ସମ୍ପର୍କ ନୁହେଁ, ମାନବିକତା ହିଁ ବଡ଼

ଟୀନର ସ୍ଥାନ ପ୍ରାନ୍ତରେ ଉଠୁଥିବା ୨୪ ବର୍ଷୀୟ ଯୁବକ ଜୁ ଚେତ୍ତାହୋଙ୍କ ବିବାହରେ ହଜାର ହଜାର ଅଜଣା ଲୋକ ପହଞ୍ଚି ମାନବିକତାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଯୁବକ ନିଜ ବିବାହରେ କେହି ନ ଆସିବା ଭୟରେ ସୋସିଆଲ ମିଡିଆରେ ଅଜଣା ଲୋକଙ୍କୁ ନିମନ୍ତ୍ରଣ କରିଥିଲେ, ଆଉ ବାହାଘର ଦିନ ଯାହା ଘଟିଲା, ତାହା ସାରା ବିଶ୍ୱକୁ ଚକିତ କରିଦେଇଛି। ଜୁ ଯେତେବେଳେ ମାତ୍ର ୩ ବର୍ଷର ହୋଇଥିଲେ, ତାଙ୍କ ବାପାଙ୍କର ଦେହାନ୍ତ ହୋଇଯାଇଥିଲା। ଏହାପରେ ମାଆ ଅନ୍ୟତ୍ର ବିବାହ କରିଥିଲେ। ଯେଉଁ ଆଇ ତାଙ୍କୁ ପାଳିପୋଷି ବଡ଼ କରିଥିଲେ, ସିଏ ବି ଆରପାରିକୁ ଚାଲିଗଲେ। ଜୁ ଏବଂ ତାଙ୍କ ବଡ଼ ଭାଇ ପିଲାଦିନରୁ ଅତି କଷ୍ଟରେ ବଡ଼ ହୋଇଥିଲେ। ଜୁ ନିଜ ପରିଶ୍ରମ ବଳରେ ବିବାହ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ସଞ୍ଚୟ କରିଥିଲେ ଏବଂ ଜଣେ ଭଲ ଜୀବନସାଥୀ ମଧ୍ୟ ପାଇଥିଲେ। ହେଲେ ତାଙ୍କର କେହି ଆତ୍ମୀୟ ସ୍ୱଜନ ନ ଥିବାରୁ ସେ ଭାବିଥିଲେ, ତାଙ୍କ ବିବାହ ଲୋକିକୁ କେହି ଆସିବେ ନାହିଁ। ଏହି ଆଶଙ୍କାରେ ଜୁ ଅକ୍ଟୋବର ୨୫ ତାରିଖରେ 'ଡାଉନିନ'ରେ ନିଜର ବୁଝାଶୁଣରା ବାହାଣୀ ସେସାୟ କରିଥିଲେ। ସେ ନିଜକୁ ଜଣେ ଅନାଥ ବୋଲି କହିବା ସହ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ତାଙ୍କ ବିବାହରେ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ। ତାଙ୍କର ଏହି ଭିଡିଓଟି ରାତାରାତି ଭାଇରାଲ ହୋଇଯାଇଥିଲା। ଏହାପରେ ବିବାହ ଦିନ ଯାହା ଘଟିଲା, ତାହା ଜୁ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ। ଜୁଙ୍କ ନିମନ୍ତ୍ରଣ ରକ୍ଷା କରି ବେଶର ଜଣାଶୁଣା ଅନୁଲୋକଙ୍କ ସହଜର ହଜାର ହଜାର ଅଜଣା ଲୋକ ଗାଡ଼ି ଭଡ଼ା କରି ପହଞ୍ଚି ଯାଇଥିଲେ। ଭିଡ଼ ଏତେ ବଢ଼ିଗଲା ଯେ, ଶେଷରେ ବିବାହ ସ୍ଥଳ ବଦଳାଇ ଏକ ବଡ଼ ସାଧାରଣ ପଡ଼ିଆରେ ଉତ୍ସବର ଆୟୋଜନ କରିବାକୁ ପଡ଼ିଥିଲା। ଲୋକମାନେ କେବଳ ଖାଲି ହାତରେ ଆସି ନ ଥିଲେ। କିଏ ଖାଦ୍ୟ ସାମଗ୍ରୀ ଆଣିଥିଲା ତ କିଏ ଘରକରଣା ଜିନିଷ ନିକିଣ୍ଡ। ଏପରିକି କିଛି ଲୋକ ତାଙ୍କୁ ଗାଈଗୋରୁ ଏବଂ ନୂଆ ଗାଡ଼ି ମଧ୍ୟ ଉପହାର ଦେଇଥିଲେ। କିଛି ବଡ଼ ବଡ଼ ରେଟ୍ ନିଜ ଆଡୁ ଆସି ରୋଷେଇ ଦାୟିତ୍ୱ ସମାଳିଥିଲେ, ଆଉ କିଛି ଲୋକ ବିବାହ ପ୍ରୋସେସନ ପାଇଁ ନିଜର ଦାମୀ ମାଧ୍ୟବାକ୍ କାର୍ ଯୋଗାଇ ଦେଇଥିଲେ। ଏହି ଘଟଣା ପ୍ରମାଣ କରିଛି ଯେ, ଦୁନିଆରେ ଆଜି ବି ମାନବିକତା ଏବଂ ଦୟା ଜୀବିତ ଅଛି। ସୋସିଆଲ ମିଡିଆ ଯେ, କେବଳ ନକାରାତ୍ମକତା ପାଇଁ ନୁହଁ, ବରଂ ଭାହାର ଉଜ୍ଜ୍ୱଳ ଯାଇଥିବା ଦଂସାରରେ ଖୁସି ଭରିବା ପାଇଁ ମଧ୍ୟ ଏକ ବଡ଼ ମାଧ୍ୟମ ହୋଇପାରେ, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି।


'ଟକ୍ସିକ୍' ପରେ କିଆରାଙ୍କ ଲମ୍ବା ବ୍ରେକ୍



ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଯୋଡ଼ି କିଆରା ଆଡଭାଣୀ ଏବଂ ସିଦ୍ଧାର୍ଥ ମଲହୋତ୍ରାଙ୍କ ଜୀବନରେ ଏବେ ଖୁସିର ଲହରୀ ଖେଳିଯାଇଛି। ଗତ ଅକ୍ଟୋବର ମାସରେ ଏହି ଦମ୍ପତି ସେମାନଙ୍କର ଦ୍ୱିତୀୟ ସନ୍ତାନର ଆଗମନ ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ବର୍ତ୍ତମାନ ତର୍ଭା ଚାଲୁ ଥିବାରୁ ସେ ନିଜର ସ୍ୱତନ୍ତ୍ର ପ୍ରକୃତିର ପ୍ରସବ ପରବର୍ତ୍ତୀ ଅବସାଦ ଏବଂ ଏକାକୀତ୍ୱ ଅନୁଭବ କରିଥିବା ଜଣାଇଛନ୍ତି। ଏହି ସମୟରେ ସେ ନିଜର ଶରୀର ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। ଏହି ନିଷ୍ପତ୍ତି ପଛରେ କୌଣସି ବ୍ୟାବସାୟିକ ଅସଫଳତା ନାହିଁ, ବରଂ ବ୍ୟକ୍ତିଗତ କାରଣ ରହିଛି। କିଆରା ଏବଂ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ମଲହୋତ୍ରା ନିଜ ଜୀବନର ଏକ ନୂଆ ଏବଂ ସୁନ୍ଦର ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। କିଛି ଦିନ ପୂର୍ବରୁ କିଆରା ଦ୍ୱିତୀୟ ପୁଅ ପାଇଁ ଗର୍ଭବତୀ ଥିବା ତାଙ୍କ ପ୍ରଶଂସକମାନଙ୍କୁ ଜଣାଇଥିଲେ। ଏହି ସମୟକୁ ସେ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଭାବେ ବିତାଇବାକୁ ଚାହାନ୍ତି। ବିବାହ ପରଠାରୁ ହିଁ କିଆରା ନିଜର ବୃତ୍ତିଗତ ସଫଳତା ଏବଂ ପରିବାର ମଧ୍ୟରେ ଏକ ସୁନ୍ଦର ସନ୍ତୁଳନ ରକ୍ଷା କରି ଆସିଛନ୍ତି, ଏବଂ ଏହି ବ୍ରେକ୍ ସେହି ସନ୍ତୁଳନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଅଗଷ୍ଟ, ୨୦୨୬ରେ ରିଲିଜ୍ ହୋଇଥିବା ତାଙ୍କ ବଡଜଟ୍‌ର ପିଲ୍ମ 'ଟକ୍ସିକ୍' ବକ୍ସ ଅଫିସ୍‌ରେ ଆଶାନୁରୂପ ସଫଳତା ପାଇପାରି ନଥିଲା। କିଆରାଙ୍କ ଏହି ଲମ୍ବା ବ୍ରେକ୍ ନେବା ନିଷ୍ପତ୍ତି ସହ ପିଲ୍ମର ପ୍ରଦର୍ଶନର କୌଣସି ସମ୍ପର୍କ ନାହିଁ। ଜଣେ ପ୍ରତିସନ୍ତାନ୍ ଅଭିନେତ୍ରୀ ଭାବେ କିଆରା ଗର୍ଭବତୀ ଥିବା ସମୟରେ ମଧ୍ୟ ଏହି ପିଲ୍ମର ସୁଟିଂ ଏବଂ ପ୍ରମୋସନ୍ ଜାରୀ ରଖିଥିଲେ। ପିଲ୍ମର ସଫଳତା କିମ୍ବା ବିଫଳତା ତାଙ୍କ ଜୀବନର ଏହି ବ୍ୟକ୍ତିଗତ ନିଷ୍ପତ୍ତିକୁ ପ୍ରଭାବିତ କରିନାହିଁ। ଅଭିନେତ୍ରୀ ସୁତେରୁ ରହିବେ ମଧ୍ୟ କିଆରା ସିନେମା ଜଗତରୁ ସମ୍ପୂର୍ଣ୍ଣ ଅଲଗା ହେବେ ନାହିଁ। ଖୁଣ୍ଟିବାକୁ ମିଳୁଛି ଯେ, ଏହି ବ୍ରେକ୍ ସମୟରେ ସେ ଏବଂ ସିଦ୍ଧାର୍ଥ ମିଶି ନିଜର ପ୍ରକୃତ୍ତନ ଘରକୁ ମାନକୁ ଆଉକୁ ବଢ଼ାଇବେ। ସେ ନୂଆ ଘରାଣା ଶୁଣିବା ଏବଂ ପ୍ରୋଜେକ୍ଟ୍ ପ୍ଲାନିଂ ଜଏଗେ ଥାନ ଦେଇଯାଉଛି, ଯାହାଦ୍ୱାରା ପରବା ପରବର୍ତ୍ତୀ ଅବସାଦ ଜାରି ରଖିପାରିବେ। ଯଦିଓ ତାଙ୍କର 'ଡନ୍ ୩' ଏବଂ 'ଟୋ ଏଣ୍ଡ୍ ୨' ଭଳି କିଛି ବଡ଼ ପିଲ୍ମକୁ ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା, କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ସେ ନିଜର ବ୍ୟକ୍ତିଗତ ଜୀବନକୁ ହିଁ ପ୍ରଥମ ପ୍ରାଥମିକତା ଦେଉଛନ୍ତି।

ମଧୁମେହ ରୋଗରେ ପାଦର ଯତ୍ନ

ମଧୁମେହ ରୋଗରେ ପାଦ ସ୍ନାୟୁ ଦୁର୍ବଳ ହେବା ସହ ରକ୍ତନଳୀ ସଙ୍କୁଚିତ ହୋଇଯାଏ। ଏହାଦ୍ୱାରା ପାଦରେ ରକ୍ତ ସଞ୍ଚାଳନ କମି ପାଦ ସଂକ୍ରମଣ ଏବଂ ଗା' ହେବାର ଆଶଙ୍କା ଥାଏ। ଏପରିକି ଅଲ୍‌ସର ଆଶଙ୍କା ବଢ଼ିଲେ ପାଦ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୁଏ। ତେଣୁ ମଧୁମେହ ରୋଗରୁ ପାଦକୁ ସୁରକ୍ଷିତ ରଖିବା ପାଇଁ ନିମ୍ନ ଲିଖିତ ଉପାୟ ଅପଣାନ୍ତୁ।



ଦୈନିକ ପାଦର ଯତ୍ନ

ପାଦରେ କଟା ଦାଗ, ଗା', ଫୋଟକା, ଫୁଲା, ନାଲି ପଡ଼ିବା ଏବଂ ଗଣ୍ଡ ବଦଳିବା ଭଳି ଲକ୍ଷଣ ଅଛି କି ନାହିଁ ଦୈନିକ ପରୀକ୍ଷା କରନ୍ତୁ। ଏଥିସହ ଚଟିପାଦ ଦେଖିବା ପାଇଁ ଦର୍ପଣ କିମ୍ବା କୌଣସି ବ୍ୟକ୍ତିଙ୍କ ସାହାଯ୍ୟ ନେଇପାରିବେ।

ଉଷୁମ ପାଣିରେ ଧୁଅନ୍ତୁ

ସାମାନ୍ୟ ଉଷୁମ ପାଣିରେ ହାଲ୍‌କା ସାବୁନ୍ ବ୍ୟବହାର କରି ପାଦକୁ ଭଲରେ ପରିଷ୍କାର କରି ଧୁଅନ୍ତୁ। ଅତ୍ୟଧିକ ଗରମ ପାଣି ବ୍ୟବହାରରୁ ଦୂରେଇ ରୁହନ୍ତୁ। ଏଥିସହ ପାଦକୁ ଦୀର୍ଘ ସମୟ ପାଣିରେ ବୁଡ଼ାଇ ରଖିବା ଅନୁଚିତ। ପାଦ ଧୋଇବା ପରେ ନରମ କପଡ଼ାରେ ପାଦକୁ ଭଲ ଭାବେ ପୋଛି ଅଙ୍ଗୁଳି ମଝିରେ ଭଲ ଭାବେ ଶୁଖିବାକୁ ଦିଅନ୍ତୁ।

ମଏସ୍ଚରାଇଜର୍ ଲଗାନ୍ତୁ


ଚର୍ମପଟ୍ଟା ରୋଗିକା ପାଇଁ ଦୈନିକ ମଏସ୍ଚରାଇଜର୍ ଲଗାନ୍ତୁ। ଅଙ୍ଗୁଳି ମଧ୍ୟଭାଗରେ ଲୋମଫଳ୍ ପ୍ରେପରି ନ ଲାଗେ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ସେହିପରି ନଖଗୁଡ଼ିକୁ ସିଧା ଜାଟି ନଖକୁ ପୀଇଲ୍ କରନ୍ତୁ।

ଜୋତା ଏବଂ ମୋଜା ବ୍ୟବହାର

ସପା ଜୋତା ଏବଂ ମୋଜା ପିନ୍ଧନ୍ତୁ। ବିଶେଷ କରି ମୋଟା ମୋଜା ପିନ୍ଧିବା ପାଦ ପାଇଁ ବେଶୀ ଲାଭଦାୟକ ହୋଇଥାଏ। ଘର ଭିତରେ ଖାଲି ପାଦରେ ଚପଲ ବ୍ୟବହାର କରିବା ଆବଶ୍ୟକ। ଏହାଦ୍ୱାରା ଅଜାଣତରେ ହେଉଥିବା ଆଘାତରୁ ପାଦକୁ ସୁରକ୍ଷା ଦେଇପାରିବେ। ଗୋଡ଼ରେ ଗରମପାଣି ବୋତଲ କିମ୍ବା 'ହିଟିଂ ପ୍ୟାଡ୍' ବ୍ୟବହାରରୁ ଦୂରେଇ ରୁହନ୍ତୁ। ଏହାଦ୍ୱାରା ସ୍ନାୟୁ କ୍ଷତ ଥିଲେ, ଜାଣିବା ପୂର୍ବରୁ ହିଁ ତର୍ମ ପୋଡ଼ିବାର ଆଶଙ୍କା ଥାଏ।

ଲକ୍ଷଣ

ପାଦ ଲାଲ୍ ପଡ଼ିବା, ଗରମ ଅନୁଭୂତ ହେବା, ଅସ୍ୱାଭାବିକ ଗନ୍ଧ, ପାଦ ସ୍ରାବ ଗା' ହୋଇ ଶୁଖିବାରେ ବିଳମ୍ବ ହେଲେ, ପାଦ ଚର୍ମ ଜଳା, ନାଜ ପଡ଼ିବା ଜ୍ୱର ଆସିବା ଏବଂ ପାଦଘୁଲା ଆଦି ସଂକ୍ରମଣର ଲକ୍ଷଣ ହୋଇପାରେ। ଏହାକୁ ଅଣଦେଖା ନ କରି ଡାକ୍ତରଙ୍କୁ ଦେଖାଇବା ଉଚିତ।



ଡାକ୍ତର ଅଶୋକ କୁମାର ମହାନ୍ତି

ସତର୍କତା

ସ୍ନାୟୁ ଏବଂ ରକ୍ତନଳୀକୁ ସୁରକ୍ଷିତ ରଖିବା ପାଇଁ ରକ୍ତ ଶର୍କରା, ରକ୍ତଚାପ ଏବଂ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିବା ଉଚିତ। ବର୍ଷକୁ ଥରେ ବିଶେଷଜ୍ଞଙ୍କ ଦ୍ୱାରା ପାଦର ସମ୍ପୂର୍ଣ୍ଣ ପରୀକ୍ଷା ସହ ରକ୍ତ ସଞ୍ଚାଳନ ପରୀକ୍ଷା କରାଇବା ଜରୁରୀ। ମଧୁମେହରେ, ଛୋଟ କ୍ଷତ, ବଡ଼ ବିପଦ ହୋଇପାରେ। ତେଣୁ ମଧୁମେହକୁ ଅଣଦେଖା କରନ୍ତୁ ନାହିଁ। ପ୍ରାରମ୍ଭିକ ଯତ୍ନ ଅଙ୍ଗହତ୍ୟକୁ ରୋକିଥାଏ।

- ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରା ଟାଉନ୍

ସଞ୍ଜୀବନୀ

'ସକାଳ'ର ସ୍ୱାସ୍ଥ୍ୟ

ପ୍ରସବ ପରବର୍ତ୍ତୀ ଅବସାଦ

ମାତୃତ୍ୱ ଜଣେ ନାରୀ ଜୀବନରେ ପୂର୍ଣ୍ଣତା ଆଣିଦିଏ। ଏହି ସମୟରେ ମହିଳାଙ୍କ ଶରୀରରେ ହରମୋନାଲ, ଶାରୀରିକ ଏବଂ ମାନସିକ ପରିବର୍ତ୍ତନ ଦେଖାଦେଇଥାଏ। ଯାହାଫଳରେ ଅନେକ ମହିଳା ଅବସାଦ ଏବଂ ବିଚଳିତର ଶିକାର ହୋଇଥାନ୍ତି। ପ୍ରସବ ପରବର୍ତ୍ତୀ ଅବସ୍ଥାରେ ମହିଳାଙ୍କଠାରେ ଦେଖାଯାଇଥିବା ଅବସାଦକୁ 'ପୋଷ୍ଟପାରର୍ଟମ୍ ଡିପ୍ରେସନ୍' କୁହାଯାଏ। ଅଧିକାଂଶ ଏହାକୁ ଅକ୍ଲାପଣ ଭାବିଥାନ୍ତି କିନ୍ତୁ ଏହାକୁ ଅଣଦେଖା କରିବା ଅନୁଚିତ।

ପ୍ରସବୋତ୍ତର ଅବସାଦ ପ୍ରାୟ ପାଞ୍ଚଜଣରୁ ଜଣେ ମହିଳାଙ୍କୁ ପ୍ରଭାବିତ କରେ। ସନ୍ତାନ ଜନ୍ମ ହେବାର କିଛି ସପ୍ତାହରୁ ନେଇ ପାଞ୍ଚ ମାସ ମଧ୍ୟରେ ଏହି ଅବସାଦ ଦେଖାଦେଇଥାଏ। ଏହାକୁ ପ୍ରସବୋତ୍ତର ଅବସାଦ ମଧ୍ୟ କୁହାଯାଏ। ଏହା ଯେକୌଣସି ମହିଳାଙ୍କୁ ପ୍ରଭାବିତ କରିପାରେ। ଏହାର ସଠିକ୍ କାରଣ ଜଣାପଡ଼ି ନାହିଁ। ତେବେ ଏହା ହରମୋନାଲ ପରିବର୍ତ୍ତନ, ଜେନେଟିକ୍ ଏବଂ ପରିବେଶ ଜନିତ କାରଣରୁ ହୋଇଥାଏ। ଏହାର ଲକ୍ଷଣ ଗୁଡ଼ିକ ହେଲା ଅତ୍ୟଧିକ ଦୁଃଖ, ଚିନ୍ତା, ଅସହାୟତା, ଅଳ୍ପ ଶକ୍ତି, ଅନିଦ୍ରା, ଖା

ଉତ୍କଳ ସମାଗମ

ସମ୍ପାଦକୀୟ...

ଶନିବାର ୧୫ ନଭେମ୍ବର ୨୦୨୬

ସାମରିକ ଶକ୍ତି

ବର୍ତ୍ତମାନ, କିଛି ବିଜ୍ଞ ବ୍ୟକ୍ତି, ବେତନ ଓ ପେନସନରେ ମାତ୍ରାଧିକ ଅର୍ଥ ବ୍ୟୟକୁ ନାପସନ୍ଦ କରି ସାମରିକ ବାହିନୀର ଜଲେଇର ହ୍ରାସ କରିବା ଲାଗି ଯୁକ୍ତି ଉପସ୍ଥାପନ କରିବାରେ ଲାଗିଛନ୍ତି। ଦେଶର ସୁରକ୍ଷା ଲାଗି ଅର୍ଥ ବ୍ୟୟ କରିବାକୁ ବିମୁଖ ନେହରୁ, ୧୯୬୨ ମସିହା ପୂର୍ବରୁ, ନିରୀହ ସ୍ୱପ୍ନ ବିଳାସୀ ଥିଲେ ବୋଲି କୁହାଯାଇପାରିବ। କିନ୍ତୁ, ସାଂପ୍ରତିକ ବାସ୍ତବତା ସହିତ ପରିଚିତ ଯେଉଁମାନେ ରାଷ୍ଟ୍ର ସୁରକ୍ଷା ଜନିତ ବ୍ୟୟକୁ ନଇ ପ୍ରଶ୍ନ ଉଠାନ୍ତି, ସେମାନେ ବେଳେ ବେଳାଶୂନ୍ୟ ଅତିମ୍ପଧ୍ୟବାଦିତା ପ୍ରଦର୍ଶନ କରନ୍ତି ! ଆଉ ମାତ୍ର ଅଳ୍ପ କେଇ ଦିନ ଭିତରେ ପ୍ରଥମ ଅଗ୍ନିବୀରମାନେ, ସେମାନଙ୍କ ଚାରି ବର୍ଷର ନିଯତ ସାମରିକ ପ୍ରଶିକ୍ଷଣ ସମାପ୍ତ କରି ବୃତିଗତ ଜୀବନ ଆଡ଼କୁ ଅଗ୍ରସର ହେବାକୁ ବସିଥିବା ବେଳେ କେନ୍ଦ୍ର ଜ୍ୟାବିଟେନ୍ଟର ଏକ ନିଷ୍ପତି ସେମାନଙ୍କ ସକାଶେ ସୁଖଦ ସମାଚାର ହୋଇଥିବା ନିଶ୍ଚିତ। ଜହିବା ଅନାବଶ୍ୟକ ଯେ ଏଫପ୍ରତି ଏହାକୁ ନେଇ ଲୋକକ୍ଷେତ୍ରୁ ଆଲୋଚନାମୁଖର ହୋଇ ଉଠିଛି। ଏହା ସୁବିଦିତ ଯେ ସୈନିକ ନିଯୁକ୍ତି କ୍ଷେତ୍ରରେ ଏକ ମୌଳିକ ସଂସ୍କାର ସ୍ୱରୂପ ୨୦୨୨ ମସିହାରେ ଯବିଓ 'ଅଗ୍ନିପଥ' ସ୍କିମର ପ୍ରବର୍ତ୍ତନ କରାଯାଇଥିଲା, ଏହାକୁ ନେଇ ଉତ୍ତର ଜନମତ ଓ ବିଶାରଦଙ୍କ ବିଚାର ବିଭାଜିତ ହୋଇ ରହିଥିଲା। ସେହି ବୃଷ୍ଟିରୁ ଏହି ନୂତନ ନିଷ୍ପତି ହେବୁ ତା'ର ଯେଉଁ ନୂଆ ପଥ ଉତ୍‌ପାଟିତ ହୋଇଛି, ସେ ନେଇ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ପାଠକପାଠିକାମାନଙ୍କ ସ୍ମୃତିକୁ ସତେଜ କରିବା ଲାଗି 'ଅଗ୍ନିପଥ' ସ୍କିମର ପ୍ରଚଳନ ଓ ତାକୁ ଘେରି ରହିଥିବା ବିବାଦ ଉପରେ କ୍ଷିପ୍ର ବୃଷ୍ଟିପାତ କରାଯାଇପାରେ। ଏହି ବ୍ୟବସ୍ଥା ଅନୁଯାୟୀ ସାଢେ ସତର ବର୍ଷରୁ ଏଭୋଇ ବର୍ଷ ବୟସ ମଧ୍ୟରେ ଥିବା ଚତୁର୍ଣ-ଚତୁର୍ଣୀ ବର୍ଷ ଅଗ୍ନିବୀର ଭାବେ ସାମରିକ ନିଯୁକ୍ତି କ୍ଷେତ୍ରକୁ ପ୍ରବେଶ କରିବେ; ଚାରି ବର୍ଷର ପ୍ରଶିକ୍ଷଣ ପରେ ସେମାନଙ୍କ ମଧ୍ୟରୁ ସର୍ବୋତ୍ତମ ଏକତୃତୀୟାଂଶ ସାମାରିକ ବାହିନୀରେ ନିଯୁକ୍ତି ପାଇବେ; ଅବଶିଷ୍ଟ ତିନି-ଚତୁର୍ଥାଂଶ, ପ୍ରାୟ ୧୧ ଲକ୍ଷ ଟଙ୍କାର ଏକକାଳୀନ ଉତ୍ତରା ରାଶି (ସେବା ନିଧି ପ୍ୟାକେଜ) ସହିତ ସାଧାରଣ ଜୀବନକୁ ପ୍ରତ୍ୟାବର୍ତ୍ତନ କରିବେ। ପ୍ରକାଶ ଥାଉ କି ସେମାନେ ପାଇଥିବା ଏହି ରାଶିରେ ଅନ୍ତର୍ଭୁକ୍ତ ସେମାନଙ୍କ ବେତନ (ମାସିକ ୨୧ ହଜାର ଟଙ୍କା)ର ଏକ ଅଂଶ ସହିତ ସରକାରଙ୍କ ସମ ପରିମାଣର ଯୋଗଦାନ। ଏଭଳି ସଂସ୍କାର ପରିପ୍ରେକ୍ଷୀରେ ସରକାରଙ୍କ ତର୍କ ତ୍ରିବିଧ: ସୈନ୍ୟ ବଳକୁ ଅଯଥା ଷ୍ଫୀତ ହେବାକୁ ନ ଦେବା, ସୈନିକମାନଙ୍କ ହାତାହାରି ବୟସକୁ କମ୍ ରଖିବା ଏବଂ ରାଜକୋଷ ଉପରେ ପେନସନର ବୋଝକୁ ଲାଘବ କରିବା। ସରକାରଙ୍କ ବିବେଚନାରେ ଜଠୋର ସାମରିକ ପ୍ରଶିକ୍ଷଣ ଦ୍ୱାରା ଶୃଙ୍ଖଳିତ ଏହି ଚତୁର୍ଣ ବର୍ଗ ସାଧାରଣ ଜୀବନରେ ବିଭିନ୍ନ କ୍ଷେତ୍ରରେ ବୃତିଗତ ପାରଦର୍ଶିତା ପ୍ରଦର୍ଶନ କରିପାରିବେ, ଯାହିଁରେ ବିସାରଜାଳାନ ଅର୍ଥଗାଣି ସେମାନଙ୍କ ସକାଶେ ପ୍ରୋତ୍ସାହନମୂଳକ ମଧ୍ୟ ହେବ। କିନ୍ତୁ ଏହାର ସମାଲୋଚନାମୂଳକ ଯୁକ୍ତି ହେଲା ଏହା ଯେ ଏତଦ୍ୱାରା ବଳିଷ୍ଠ ଭାରତୀୟ ସାମରିକ ପଙ୍ଗପରା ଅବମାନନାର ଶରବ୍ୟ ହୋଇଥାଏ, କାରଣ ରାଷ୍ଟ୍ର ହିତରେ ତତମ ବଳିବାନକୁ ଜୀବନର ତ୍ରତ କରିବାକୁ ପ୍ରସ୍ତୁତ ହେଉଥିବା ତରୁଣମାନଙ୍କ ସକାଶେ ଏହା ଏକ ଅଧାପତନିଆ ଓ ଅଙ୍ଗୀକାରଶୂନ୍ୟ ବ୍ୟବସ୍ଥା। ସମାଲୋଚକଙ୍କ ଉଦ୍‌ବେଗ ଯେ ସାମରିକ କୌଶଳ ଓ ଶସ୍ତ୍ର ଚାଳନାରେ ଦକ୍ଷ ତରୁଣଗଣ, ସାଧାରଣ ଜୀବନରେ ବିଫଳ ଓ ହତାଶ ହେଲେ, ବିଭିନ୍ନ ଅପଶକ୍ତିମାନଙ୍କ ଦ୍ୱାରା ଅପବ୍ୟବହୃତ ହେବେ ନାହିଁ ତ କେବଳ ସେତିକି ନୁହେଁ, ପ୍ରତ୍ୟେକ ବର୍ଷ ନିୟମିତ ସାମରିକ ନିଯୁକ୍ତି ହିଁ ହଜାର ହଜାର ତରୁଣଙ୍କ ସକାଶେ ସୁରକ୍ଷିତ ବୃତିଗତ ସୁଯୋଗର ଦ୍ୱାର ଖୋଲି ଦେଇଥାଏ। ସେହି ବୃଷ୍ଟିରୁ ପ୍ରଥମ ଦଫାର 'ଅଗ୍ନିବୀର' ପ୍ରଶିକ୍ଷଣ ସମାପ୍ତ ହେବା ପରେ ହିଁ ହେଉ 'ଅଗ୍ନିପଥ' ସ୍କିମର ଫଳପ୍ରଦତା ବାସ୍ତବ ପରୀକ୍ଷାର ସମ୍ମୁଖୀନ ହୋଇଥାଆନ୍ତା, ଯାହା ଏହି ନୂତନ ନିଷ୍ପତ୍ତି ହେତୁ ଆପାତତଃ ତଳି ଯାଇଛି। ମୂଳ ଅଗ୍ନିପଥ ସ୍କିମ ଅନୁସାରେ, ପ୍ରଶିକ୍ଷଣ ପରେ ସାମାରିକ ବାହିନୀରେ ଯୋଗ ଦେଇ ପାରୁ ନ ଥିବା ତିନି-ଚତୁର୍ଥାଂଶ ଅଗ୍ନିବୀର, ଏହି ନୂତନ ନିଷ୍ପତି ପରେ, ଏକ ବର୍ଦ୍ଧିତ ବେତନ (ମାସିକ ୪୭ ହଜାର ଟଙ୍କା) ସହିତ ଅତିରିକ୍ତ ଦୁଇ ବର୍ଷ ସକାଶେ କାର୍ଯ୍ୟ ନିୟୋଜିତ ହେବେ। ଏହି ଅବଧିର ସମାପ୍ତି ପରେ ସେମାନଙ୍କ ଆଗ୍ରହ ଏବଂ ନିଯୁକ୍ତି ସର୍ତ୍ତମାନ ପୂରଣ କରିବାର ସାମର୍ଥ୍ୟ ଆଧାରରେ ସେମାନେ ନିୟମିତ ସୈନିକ ରୂପେ ନିଯୁକ୍ତି ପାଇବେ; ଅର୍ଥାତ୍, ସମସ୍ତ ଅଗ୍ନିବୀରଙ୍କ ସକାଶେ ଜଣେ ନିୟମିତ ସୈନିକ ହୋଇପାରିବାର ଦ୍ୱାର ଉନ୍ମୁକ୍ତ ହୋଇଛି। ଏଭଳି ସ୍ଥଳେ ଏକ ଧାରଣା ମଧ୍ୟ ଉତ୍ପନ୍ନ ହୋଇଥାଏ ଯେ 'ଜେନ ଜି' ବର୍ଗକୁ ତୁଷ୍ଟ କରିବାକୁ ସରକାର ଏଭଳି ଏକ ପରିବର୍ତ୍ତନ ଆଣିଲେ କି କିନ୍ତୁ, 'ଚିଫ ଅଫ ଡିଫେନ୍ସ ଷ୍ଟାଫ' ବା 'ସି.ଡି.ଏସ.' ଏନ.ଏସ. ରାଜା ସୁବ୍ରମଣି ସ୍ପଷ୍ଟ କରିଛନ୍ତି ଯେ 'ଅଗ୍ନିପଥ' ସ୍କିମ ପ୍ରତଚ୍ଚନ ହେବା ପରଠାରୁ, ତାକୁ ନିଖୁଣ କରିବା ସକାଶେ, ତୀକ୍ଷ୍ଣ ନଜର ତଳେ ଥିଲା। ଏବଂ ଏହି କ୍ରମରେ ଯାହା ଦେଖିବାକୁ ମିଳିଛି ତାହା ହେଲା ପ୍ରଶିକ୍ଷଣ ଜଜରେ ସମସ୍ତ ଅଗ୍ନିବୀର ଚିତାକର୍ଷକ ପ୍ରଦର୍ଶନ କରିଛନ୍ତି; ଯଦ୍ୱାରା ସେମାନଙ୍କ ସକାଶେ ନୂତନ ବୃଷ୍ଟିଭଙ୍ଗୀର ଆବଶ୍ୟକତା ପଡ଼ିଛି। ଏହା, ତୁଏତ, ସତ ଯେ ସର୍ବୋତମ ୨୫%ଙ୍କ ମଧ୍ୟରେ ରହିବା ଲାଗି ଅଗ୍ନିବୀରମାନଙ୍କ ପ୍ରାଣପୃର୍ଣ୍ଣ ଉଦ୍ୟମ ହେତୁ ସେମାନଙ୍କ ଦକ୍ଷତା ଉତକୋଟୀ ସ୍ପର୍ଶ କରିଥିବ ! ତେବେ, ସେ ଯାହା ହେଉ, ଏହି କାରଣରୁ 'ଅଗ୍ନିପଥ' ସ୍କିମ ଏକ ସମୟୋପଯୋଗୀ ରୂପାନ୍ତର ଦେଇ ଗତି କରିବା ମଧ୍ୟ ଏକ ସୁସମ୍ଭାବ୍ୟ ନିଷ୍ପତ୍ତି ! ଅବଶ୍ୟ, ଅନେକ କହି ପାରନ୍ତି ଯ ବ୍ରୋନ, ଏ.ଆଇ. ଓ ସାଇବର ପ୍ରଯୁକ୍ତିର ପ୍ରଚଳନ ପରେ ସାଂପ୍ରତିକ ସୁଦ୍ଧର ରୂପରେଖ ଯାହା ହେଇଥି, ତହିଁରେ ଏକ ବିଶାଳ ସୈନ୍ୟବାହିନୀ ଏକ ବୋଝ ସଦୃଶ ହୋଇଥାଏ। ସାମରିକ ବାହିନୀକୁ ମାନବ-ସମ୍ବଳର ଅଂଶକୁ ହ୍ରାସ କରି ତହିଁକୁ ଉତ୍‌କୃତ ଅର୍ଥଗାଣିକୁ ପ୍ରଯୁକ୍ତିଗତ ସାମର୍ଥ୍ୟ ବୃଦ୍ଧିରେ ନିୟୋଜିତ କରିବା ଉପରେ ସେମାନେ ଗୁରୁତ୍ୱ ଦିଅନ୍ତି। ୟୁକ୍ରେନୀୟ ବ୍ରୋନ ଆକ୍ରମଣରେ ହତଭୟ ବିଶାଳ କୃଷୀୟ ସାମରିକ ବାହିନୀର ଉଦାହରଣ ସେମାନେ ଦିଅନ୍ତି। ସାମରିକ ମତରେ ପ୍ରାୟ ୧୪ ଲକ୍ଷ ସବଘ୍ୟ ସମ୍ବଳିତ ଭାରତୀୟ ସାମରିକ ବାହିନୀ (ପୃଥିବୀର ତୃତୀୟ ବୃହତ୍ତମ), 'ଅଗ୍ନିପଥ' ସ୍କିମ ହେତୁ କୃଷାକାୟ ହେବାର ସୁଯୋଗ ଲାଭ କରିଥିଲା; ଯାହା, ଏହି ନୂତନ ନିଷ୍ପତି ପରେ ସମ୍ଭବ ହେବା କଷ୍ଟକର ବ୍ୟାପାର। କିନ୍ତୁ, ଅନେକ ବକ୍ଷ ଭାରତୀୟ ସେନା ଅଧିକାରୀ ଓ ସମର ବିଶେଷଜ୍ଞଙ୍କ ଏହି ମତ ସହିତ ରାଜି ନ ହୋଇ କହିଥାଆନ୍ତି ଯେ ଚୀନ, ପାକିସ୍ତାନ ଓ ବାଂଲାଦେଶ ଭଳି ଶତ୍ରୁଭାବାପନ୍ନ ରାଷ୍ଟ୍ର ଦ୍ୱାରା ପରିବେଷ୍ଟିତ, ମାଓବାଦୀ ଓ ବିରନ୍ତିନ୍ନତାବାଦୀଙ୍କ ଚଳ୍ପାନ୍ତ ଜର୍ଜର ଏବଂ ପର୍ବତ ତଥା ମାଳଭୂମି ପରିପୂର୍ଣ୍ଣ ଭୂଗୋଳର ଅଧିକାରୀ ଏହି ଦେଶରେ ଏକ ବକ୍ଷ ଓ ବିଶାଳ ସୈନ୍ୟବାହିନୀ ଅତ୍ୟାବଶ୍ୟକ ହୋଇଥାଏ।

ଜନଜାତି କଳା, ସ୍ଥାପତ୍ୟ ଓ ହସ୍ତଶିଳ୍ପ

ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଜନଜାତି ସଂସ୍କୃତି ଓ ପରମ୍ପରାରେ କଳା ଓ ସ୍ଥାପତ୍ୟ ଶିଳ୍ପର ଏକ ବିଶେଷ ଭୂମିକା ରହିଛି। ଆଜି ଓଡ଼ିଶାର ରାୟଗଡ଼ା ଓ ଗଜପତି ଜିଲ୍ଲାରେ ବସବାସ କରୁଥିବା ସଉରା ଜନଜାତିଙ୍କ ଚିତ୍ରକଳା 'ଇଡିଥାଲ' ଭେଦକ ରାଜ୍ୟ ଜାହିଁକି ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିପାରିଛି। ଏହା ଏକ ପ୍ରକାର ଝୋଟି ଚିତା ପର୍ଯ୍ୟାୟର ଚିତ୍ରକଳା ଏବଂ ବିଶେଷଜ୍ଞଙ୍କ ଜାଦୁରେ ଅଙ୍କନ କରାଯାଇଥାଏ। ଚଳଚ୍ଚିତ୍ର ତୁନିଆରେ ଆବିର୍ଭାବୀଙ୍କ ଅଳଙ୍କାରର ଗୋଟିଏ ବିଶେଷ ଭୂମିକା ରହିଛି। ଆବିର୍ଭାସୀ ଅଳଙ୍କାରର ସ୍ୱାତନ୍ତ୍ୟ ରହିଛି। କୋରାପୁଟ ଅଞ୍ଚଳ ଆବିର୍ଭାସୀ ଅଳଙ୍କାରର ଏକ ସ୍ୱତନ୍ତ୍ର ବଜାର ରହିଛି। ଓଡ଼ିଶାର ଏସବୁ ଆବିର୍ଭାସୀ ଅଳଙ୍କାର ଦେଶ ବିଦେଶକୁ ରପ୍ତାନୀ କରାଯାଉଛି। କେନ୍ଦୁଝରର ଜୁଆଙ୍ଗ ଜନଜାତିଙ୍କ ଜାତ ଖୋଦେଇ ସ୍ଥାପତ୍ୟର ଏକ ନିଆରା ଭାଉ ରହିଛି। ଜୁଆଙ୍ଗମାନେ ସେମାନଙ୍କର ମଣ୍ଡପର ପାନ୍ଥି ଜାତରେ ଖୋଦେଇ କରି ନାନା ପ୍ରକାର ଆକର୍ଷଣୀୟ ଜାଦୁକାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି। ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଅଞ୍ଚଳର ଲୋଧା, ମାଙ୍କଡିଆ ଓ ଅନ୍ୟ ଆବିର୍ଭାସୀମାନେ ବାଉଁଶ ପାତିଆକୁ ବ୍ୟବହାର କରି ଆକର୍ଷଣୀୟ ଉପକରଣ ଓ ସ୍ଥାପତ୍ୟକଳା ନିର୍ମାଣ କରିଥାନ୍ତି। ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଆବିର୍ଭାସୀମାନେ ପାରମ୍ପରିକ ଲାଖ ଓ ଜାଠ ଶିଳ୍ପ ପାଇଁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିପାରିଛନ୍ତି। ବହୁ ପ୍ରାଚୀନ କାଳରୁ ଜନଜାତି ମାନଙ୍କ ଜୀବନ ଧାରଣ ପାଇଁ ବିଭିନ୍ନ ଇଙ୍ଗଳଜାତ ତୁବ୍ୟରୁ ଘରେ ବ୍ୟବହୃତ ବସ୍ତ୍ର, ଅଳଙ୍କାର, କୃଷି ଉପକରଣ, ଜଳ ପାତ୍ର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ସବୁ ତିଆରି ହଉଥିଲେ। କିନ୍ତୁ ଆଧୁନିକତାର ଆତ୍ମାଜରେ ସେ ସବୁର ବ୍ୟବହାର ଜମିବାରେ ଲାଗିଛି। ଆଜିର ସୂଚନାପ୍ରଯୁକ୍ତିର ଯୁଗରେ ହାତ ପାହାନ୍ତାରେ ଥିବା ମୋବାଇଲର ସ୍ପ୍ରୁଟ୍‌ବରେ ଜନଜାତିଙ୍କ ଅନେକ ପ୍ରତିଭା ଓ ବିକାଶ ପୃଥିବୀର କୋଣଅନୁକୋଣ ପର୍ଯ୍ୟନ୍ତ ପ୍ରସାରିତ ହୋଇଛି। କେବଳ ମାଟି ପାତ୍ରର ଉପକରଣ ନୁହେଁ ବାଉଁଶ ଠାରୁ ଘାସପତ୍ର, ଗଛ ବଳକ ଠାରୁ ମଜି ଏସବୁ ଭିତରେ ପାରମ୍ପରିକ ଅପୂର୍ବ ହସ୍ତ କୌଳିକ କୃତି ଓ ଆବିମ ହସ୍ତକଳାକୁ ଜନଜାତିମାନେ ଆଗେଇ ନେଇଛନ୍ତି। ଯେପରି ଚାଇ ଫଳକୁ ଝାମି ବା ପାଙ୍ଗିଁ ତିଆରି କରାଯାଉଛି। ପ୍ରଥମେ ଚାଇ ଫଳକୁ ଗରମ ପାଣିରେ ପୁଟାଇ ତାକୁ ନରମ କରି ତା ମଧ୍ୟରେ ଛିଦ୍ର କରାଯାଏ। ପରେ ତାହା ମଧ୍ୟରେ ଗୁଣ୍ଡକୁ ବେତ ପାଙ୍ଗିଁ ପରି ବ୍ୟବହାର କରାଯାଏ। ଏହାକୁ ପାରମ୍ପରିକ ପୂଜାପର୍ବାଣୀରେ ଜାତି ନାଚ ସମୟରେ ପିନ୍ଧି ନୃତ୍ୟ ପରିବେଷଣ କରାଯାଏ। ସେହିପରି ଗୁଞ୍ଜ ମଞ୍ଜି ବା ଜାଇଁଚ ଭାବେ ଜଣାଶୁଣା ମଞ୍ଜିକୁ ବିଭିନ୍ନ ପ୍ରକାର ମାଳା କରି ଜନଜାତି ମହିଳାମାନେ ପରିଧାନ କରନ୍ତି। ବିଶେଷକରି ଜଈମାଳର ଡଙ୍ଗରିଆ ଜଈ, ମାଲଜାନାଗିରିର ଜୋଟିଆ, ପରଜା, ଜମାର, ଚଳୋଟିଆ ଭୁଞ୍ଜିଆ ଜନଜାତି ଅନେକ ଅଳଙ୍କାର ଓ ହସ୍ତ ପ୍ରସ୍ତୁତ ସାମଗ୍ରୀମାନ ତିଆରି କରି ବଜାରରେ ପହଂଚାଇ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ଏହା ବ୍ୟତୀତ କୃଷି ଉପକରଣ ମଧ୍ୟରେ ପଡଲା ବାଉଁଶ ପାତିବୁ ଓ ପ୍ଲାଷ୍ଟିକକୁ ଛାଡୋଡ଼ି ବା ବାଉଁଶ ଟୋପି ତିଆରି କରାଯାଇଥାଏ। ବକ୍ଷିଣ ଓଡ଼ିଶାରେ ଏହାକୁ ଚଲାରି ବୋଲି କୁହାଯାଏ। ସେହିପରି ବାଦ୍ୟଯନ୍ତ୍ର ମଧ୍ୟରେ ବାଉଁଶରୁ ତୁଡୁଙ୍କା (ପାରମ୍ପରିକ ବାଶୀ) ବଉଁଶୀ, ବାସକାଠିଆ, ଢୋଲ ଆଦି ତିଆରି କରାଯାଏ। ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଗଣ୍ଡ ଓ ଚାଳଚୋଟିଆ ଭୁଞ୍ଜିଆ ଜନଜାତିମାନେ ମଧ୍ୟ ପାରମ୍ପରିକ ଭାବେ ବିଭିନ୍ନ ଅଳଙ୍କାର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ବ୍ୟାବହାରିକ ଉପକରଣ ତିଆରି କରି ପ୍ରାଚୀନ କଳାକୃତିକୁ ବଜାୟ ରଖୁଛନ୍ତି। ଯେପରି ଢୁୟା। ଢୁୟା ହେଉଛି ଏକ ପ୍ରାକୃତିକ ସପାନୀୟ ଜଳ ବୋତଲ। ନୂଆପଡ଼ାର ଚାଳୋଟିଆ ଭୁଞ୍ଜିଆ ଜନଜାତି ଲାଭ ଢୁୟାରୁ ଏହାକୁ ତିଆରି କରନ୍ତି। ଅନେକ ହୁଏତ ଜାଣିନଥିବେ ରାୟଗଡ଼ା ଜିଲ୍ଲାର ସଉରା ଜନଜାତି ଦ୍ୱାରା ପ୍ରସ୍ତୁତ ଚଲାରି, ଘୁଣ୍ଡୁସୁରର ରଥଯାତ୍ରା ସମୟରେ ବେଶ ବିକ୍ରି ହୋଇଥାଏ। ବର୍ଷାବିନେ ଆବିବାସୀ ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ମୂଲ୍ୟବାନ ସାବ୍ୟସ୍ତ ହୋଇଥାଏ। ଏହି ଜନଜାତିଙ୍କର ବିହନ ସଂରକ୍ଷଣ ବ୍ୟବସ୍ଥା ସର୍ବୋପରି ବିହନକୁ ଆର୍ଦ୍ରତା, କ୍ଷୟ ଓ କୀଟ ମାନଙ୍କ ଦୌରାତ୍ମ୍ୟରୁ ବଚାଇ ରଖିବା ପାଇଁ ଶିଆଳିପତ୍ର ତିଲା ତିଆରି କରି ଥାଆନ୍ତି। ସେହିପରି ଚଲୋଟିଆ ଭୁଞ୍ଜିଆ ଜନଜାତି ମାନଙ୍କର ଅନ୍ୟତମ ବୃତି ହେଉଛି ଝରଣା, ଜଳାଶୟ ଓ ନଈରୁ ମାଛ ଧରିବା। ସେମାନେ ବାଉଁଶରେ ତିଆରି 'ଯାଖନା', 'ଚୋରିଆ' ଭାବେ ଏହାକୁ ବଜାରରେ ମଧ୍ୟ ବିକ୍ରି କରିଥାନ୍ତି। ଏହି ଜନଜାତିର ମହିଳାମାନେ ମାଳିକୁ ମିଶାଇ ଏବଂ ପୁରୁଣା ପଇସାକୁ ଗୁନ୍ଥି ତମାଖା ମାଳି ପ୍ରସ୍ତୁତ କରିଥାନ୍ତି। ଏହିପରି ଓଡ଼ିଶାର ଜନଜାତି ସଂସ୍କୃତି ଓ ପରମ୍ପରା ସହ ନିବିଡ଼ ଭାବେ ଜଡ଼ିତ ଅନେକ ପାରମ୍ପରିକ କଳା, କାରିଗରୀ ଆଜି ଆଧୁନିକତାର ହଇରାଣ ବସିଲାଣି। ଯାହା ପ୍ରାୟତଃ ଦେଖିବାକୁ ମିଳୁନାହିଁ। ଏହାକୁ ଦେଖିବାକୁ ଜିୟା ଜାଣିବାକୁ ହେଲେ ସଂଗ୍ରହାଳୟ ଓ ବହିର ସାହାରା ନେବାକୁ ପଡୁଛି। ଏହାକୁ ବୃଷ୍ଟିରେ ରଖି ଏହି ପାରମ୍ପରିକ ହସ୍ତଶିଳ୍ପକୁ ବଚାଇ ରଖିବାର ବିଭିନ୍ନ ସ୍ତରରେ ପ୍ରୟାସ ହେଉଛି। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଆରନ୍ତ କୃଷିର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ (ଏସପିପିଆଇଏପ) ଅଧୀନରେ ୨୦୨୩ ମସିହାରେ ଆରନ୍ତ ଫର୍ତ୍ତନ ଫୁଡ ବା ବିଶ୍ୱତ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ଏଥିପାଇଁ ପ୍ରୋତ୍ସାହନ ଦିଆଯାଉଛି। ବିଭିନ୍ନ କଳାକୃତିର ପ୍ରଦର୍ଶନୀ ଜରିଂଜାର ସୁବିଧା ଏବଂ ରୋଜଗାର ସୃଷ୍ଟି କରାଯାଇଛି। ବର୍ତ୍ତମାନ ଆମ ରାଜ୍ୟରେ ଜନଜାତିଙ୍କ ଆର୍ଥିକ ବିକାଶ ପାଇଁ ଉଭୟ ଆଇଟିଡିଏ ଏବଂ ଅଣୁ ପ୍ରକଳ୍ପ ଜରିଆରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି। କେବଳ ଆଇଟିଡିଏ ଏବଂ ମାଇକ୍ରୋ ପ୍ରୋଜେକ୍ଟ ଜାହିଁକି, ବଜ୍ର ବୁଦ୍ଧ ପଚାଂଚର, କ୍ଷୁଦ୍ର ମଧ୍ୟମ ଜଳସେଚନ ପ୍ରକଳ୍ପ, ଜଳଛାୟ ମିସନ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଠା ଜଳସେଚନ ପ୍ରକଳ୍ପ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମାଛ ଚାଷ ବିଭାଗ ଆଦି ବିଭିନ୍ନ ସରକାରୀ ବିଭାଗ ମାଧ୍ୟମରେ ମଧ୍ୟ ଜନଜାତିଙ୍କର ଆର୍ଥିକ ବିକାଶ ପାଇଁ ଟଙ୍କା ଖର୍ଚ୍ଚ ହେଉଛି। ଏବେ ଉଭୟ ଜେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆବିବାସୀଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଲା ଏମଏମଜେକେ ଏନ୍ ଯାହାକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କୁହାଯାଉଛି। ଏହି ଯୋଜନା ମାଧ୍ୟମରେ କୃଷି, ଉଦ୍ୟାନକୃତି ଓ ଜୀବିକାର ବିକାଶ ପାଇଁ ଆବିବାସୀଙ୍କୁ କୁହୁଡ଼ା, ଛେଳି, ବତକ ବିଭିନ୍ନ ପରିବାରିକ ବିହନ, ମଞ୍ଜି, ଚାରା, ସାର ଔଷଧ ଯୋଗାଇ ଦେବା ସହିତ ଜଇସେବନର ସୁବିଧା ପାଇଁ ଚେକ ଡ୍ୟାମ ଓ ସଉରା ନଳକୂପ ନିର୍ମାଣ କରାଯାଉଛି। ସେହିପରି ଭିଡ଼ିଜେକେ ଅର୍ଥାତ୍ ଜନଧନ ବିକାଶ କାର୍ଯ୍ୟକ୍ରମ। ଏହି ଯୋଜନା ମାଧ୍ୟମରେ ଆବିବାସୀମାନେ ସଂଗ୍ରହ କରୁଥିବା ପାରମ୍ପରିକ ଜନଜାତ ତୁବ୍ୟର ମୂଲ୍ୟବୃଦ୍ଧି ଯାହାକୁ ଭାଲ୍ୟୁଆଡ଼ିସନ ଭାବେ କୁହାଯାଏ, ଆର୍ଥିକ ସହାୟତା ଯୋଗାଇ ଦିଆଯଉଛି। ବିଶେଷକରି ଆୟରୁ ଆୟଷୟ୍ଟ, ଆୟ ଆଚାର, ପଣସ ଚିପସ୍, ପଣସ ଚେକୋଲେଟ, ଚାଖପତ୍ର ଖଲି, ବନା, ପ୍ଲେଟ ଆଦି ପ୍ରସ୍ତୁତ କରି ଆବିବାସୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଆର୍ଟିଜିଲ୍ଲ୩୭୫ ଏହି ଯୋଜନା ମାଧ୍ୟମରେ ଦୁର୍ଗମ ଆବିବାସୀବହୁଳ ଅଞ୍ଚଳକୁ ରାସ୍ତା ଓ ପୋଲି ନିର୍ମାଣ କରାଯାଉଛି। ଏବସିଏ ଅର୍ଥ ସ୍ୱତନ୍ତ୍ର କେନ୍ଦ୍ର ଅନୁଦାନ ଏହି ଯୋଜନା ଜରିଆରେ ଆବିବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ ପାଇଁ ତ୍ରାଗର ଚାଷ, ପଣସ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା, ଷ୍ଟୁବେରୀ ଚାଷ, ଚେକ ଡ୍ୟାମ ନିର୍ମାଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଡିଏଜେକେଏୟୁ ଅର୍ଥ ଧନତ୍ରୀ ଅବା ଜନଜାତି ଗୌରବ ଉତ୍ତର୍ଷ ଅଭିଯାନ। ଏହି ଯୋଜନା ଜରିଆରେ ଆବିବାସୀ ଗ୍ରାମ ଘୁଡ଼ିକର ବିକାଶ ପାଇଁ ଖର୍ଚ୍ଚ ହେଉଛି। ପିଏମଏଏଜିଓ୍ୟର ଅର୍ଥ ପ





'ବିନ୍ଦୁ ଓ ବଳୟ : ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ପ୍ରବନ୍ଧ' ପୁସ୍ତକ ଉନ୍ମୋଚିତ



ସମ୍ବଲପୁର,୧୩/୧୧(ନି/ପ୍ର): ସମ୍ବଲପୁରର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ସେତୁ' ପକ୍ଷରୁ ଡ. ଜାମଦେବ ସାହୁଙ୍କ ରଚିତ 'ବିନ୍ଦୁ ଓ ବଳୟ : ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ପ୍ରବନ୍ଧ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ମୀନକେତନ ପାଠାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଥାପୁର ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ ଯେ, ଗାନ୍ଧୀଙ୍କ ଆଦର୍ଶର ପ୍ରାସଙ୍ଗିକତା ସବୁ କାଳରେ ରହିଛି। ବିନ୍ଦୁ ବର୍ତ୍ତମାନ ତାଙ୍କ ଆଦର୍ଶ ଓ ଦର୍ଶନକୁ ଆବଶ୍ୟକୀୟ ଗୁରୁତ୍ୱ ଦିଆଯାଇ ନଥିବାରୁ ତାହା ଅଲୋଡ଼ା ହୋଇପଡୁଛି, ଯାହା ସମାଜ ପାଇଁ ଆଦୌ ମଙ୍ଗଳକର ନୁହଁ। ସମାଜର ହିତ ଓ ବିକାଶ ପାଇଁ ଯେଉଁ ନୀତିଗୁଡ଼ିକର ପ୍ରାୟୋଗିକ ପ୍ରତିଫଳିତ ହୋଇଛି। ଏହି ଆବଶ୍ୟକତା ରହିଛି, ସେଗୁଡ଼ିକୁ ଗୁରୁତ୍ୱ ଦେବା ଉଚିତ ବୋଲି ସେ ମତ ରଖିଥିଲେ। ସମ୍ମାନିତ ଅତିଥି ମୋହନ ସାହୁ ନିଜ ବକ୍ତବ୍ୟରେ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ଏବେ ମଧ୍ୟ ରହିଥିବା ବିଭିନ୍ନ ସମସ୍ୟା ଓ ଜଟିଳତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଜାତିବାସ ମିଶ୍ର ପୁସ୍ତକର ବିଷୟବସ୍ତୁ ଉପରେ ଆଲୋଚନା କରି କହିଥିଲେ ଯେ, ଏଥିରେ ଗାନ୍ଧୀଙ୍କ ଉପରେ ପାଂଚଟି ପ୍ରବନ୍ଧ ରହିଥିବା ବେଳେ ପାର୍ବତୀ ଗିରି, ସୁବାଷ ଚନ୍ଦ୍ର ବୋଷ, ମଧୁସୂଦନ ବାସ ଓ ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଗୋଟିଏ ଲେଖାଏଁ ପ୍ରବନ୍ଧ ସ୍ଥାନ ପାଇଛି। ତେବେ ପ୍ରତ୍ୟେକ ପ୍ରବନ୍ଧରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଗାନ୍ଧୀଙ୍କ ଚିନ୍ତାଧାରା ପ୍ରତିଫଳିତ ହୋଇଛି। ଏହି ମହାପୁରୁଷମାନେ ନିଜ ନିଜ କ୍ଷେତ୍ରରେ ଅସାଧାରଣ ପ୍ରତିଭାର ଅଧିକାରୀ ଥିବାରୁ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ମତଭେଦ ରହିବା ସ୍ୱାଭାବିକ। ଅହିଂସା ନୀତିକୁ ନେଇ ଗାନ୍ଧୀ ଓ ସୁବାଷ ଚନ୍ଦ୍ର ବୋଷଙ୍କ ମଧ୍ୟରେ ଥିବା ବିଚାରଗତ ପାର୍ଥକ୍ୟ ଏବଂ ବର୍ଣ୍ଣବିଦ୍ୱେଷମ୍ୟ ପ୍ରସଙ୍ଗରେ ଡ. ବି.ଆର. ଆମ୍ବେଦକରଙ୍କ ମତ ଆଦି ଉଦାହରଣ ଦେଇ ସେ ନିଜର ମତ ଉପସ୍ଥାପନ କରିଥିଲେ। ସଭା ପ୍ରାରମ୍ଭରେ ସେତୁର ସଭ୍ୟ ଡ. ସିଦ୍ଧାର୍ଥପ୍ରଭା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ବେଲପାହାଡ଼ରେ ଚିତ୍ରଗୁପ୍ତ ପୂଜା ଉତ୍ସବ

ଝାରସୁଗୁଡ଼ା,୧୩/୧୧(ନି/ପ୍ର): ବେଲପାହାଡ଼ ଜରଣ ସମାଜ ପକ୍ଷରୁ ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ପୂଜା ଉତ୍ସବ ଗୁରୁବାର ସ୍ଥାନୀୟ ଆର୍ଟ ଅଫ ଲିଭିଙ୍ଗ ହଲଠାରେ ଅନୁଷ୍ଠିତ ହୋଇଛି। ଏଥିପାଇଁ ପୂଜା ଆରମ୍ଭ ସକାଳ ୯ଟା ସମୟରେ ଜଳଯାତ୍ରା ହୋଇଥିଲା । ଏଥିରେ ପାରମ୍ପରିକ ଢୁଲ୍ ତୁରି ବାଦ୍ୟ ସହ ମହିଳା କାର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ, ମଧ୍ୟାହ୍ନ ୧ ଟା ସମୟରେ ଶ୍ରୀ ଦେବଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇ ପୁଷ୍ପାଞ୍ଜଳି କରାଯାଇଥିଲା। ସେହିପରି ସନ୍ଧ୍ୟାରେ ସଜ୍ଜ ଆଳତି ସହ ଭଜନ କୀର୍ତ୍ତନ ପରିବେଷଣ ଓ ପ୍ରସାଦ ସେବନ ହୋଇଥିଲା । ଏଥିରେ ବେଲପାହାଡ଼, ଗୁମାଡେରା, ବୁଜରାଜନଗର, ହେମଗିର, ଜନିବା ତଥା ଝାରସୁଗୁଡ଼ା ଜିଲ୍ଲାର ଶତାଧିକ ଜରଣ ସମାଜର ପରିବାର ସାମିଲ ରହିଥିଲେ । ଏହି ଉତ୍ସବରେ ପ୍ରତାପ ମହାନ୍ତି ସପତ୍ନୀକ ପୂଜା କର୍ତ୍ତା ଦାୟିତ୍ୱ ଗ୍ରହଣ ଥିବା ବେଳେ ପଣ୍ଡିତ ଶ୍ରୀ ଜୟଜ୍ଞଧର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଆୟୋଜକ ବେଲପାହାଡ଼ ଜରଣ ସମାଜ ଙ୍ଗଯୋଜକ ଶୈଳେଶ ବହିବାର, ସଭାପତି ଅନୀଲ ମହାନ୍ତି, ସମ୍ପାଦକ ବଳରାମ ପଟ୍ଟନାୟକ, ଲୋଷାଧ୍ୟକ୍ଷ ପ୍ରସନ୍ନ ପଟ୍ଟନାୟକଙ୍କ ସହ ମନୋଜ ରାଏ, ଗଜେନ୍ଦ୍ର ପଟ୍ଟନାୟକ, ବିଜୟ ବାନି, ରାଜକୁମାର ପଟ୍ଟନାୟକ, ଜୟବିହାରୀ ପଟ୍ଟନାୟକ, ବବି ମହାନ୍ତି, ରାଜକିଶୋର ବହିବାର, ଯୁଗଳ ବହିବାର, ନିର୍ମଳ ମହାନ୍ତି, ମନୋହର ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ମୋନା ବହିବାର, ଛୋଟୁ ପଟ୍ଟନାୟକ, ସୁନାତା ବାସ, ପୂଜା ବହିବାର, ପୁଷ୍ପାଞ୍ଜଳି, ବହିବାର, ଅସିକା ପଟ୍ଟନାୟକ, ସହ ଅନେକ ସଭ୍ୟ ସଭ୍ୟା ଭାଗନେବା ସହ ପ୍ରଭୁଙ୍କ କୃପାଲାଭ କରିଥିଲେ ।

ଏସପିଙ୍କୁ ଭେଟିଲା ଜିଲ୍ଲା ଅବସରପ୍ରାପ୍ତ ପୁଲିସ ସଂଘ

ଝାରସୁଗୁଡ଼ା,୧୩/୧୧ : ନୂତନ ଆରକ୍ଷୀ ଅଧୀକ୍ଷକ ସୋନାଲି ସିଂହ ପରମାରଙ୍କୁ ଆଜି ଅବସର ପ୍ରାପ୍ତ ପୁଲିସ ସଂଘ ସୌଜନ୍ୟମୂଳକ ସାକ୍ଷାତ କରିଛି । ସଂଘର ଜର୍ନଜର୍ତାମାନେ ଏଣ୍ଟିଙ୍କୁ ପୁଷ୍ପଗୁଚ୍ଛ ବେଇ ଶୁଭେଚ୍ଛା ଜଣାଇଥିଲେ । ଆଲୋଚନାରେ ଏଣ୍ଟି ପରମାର ଜିଲ୍ଲାବାସୀଙ୍କ ସ୍ୱାର୍ଥ ଓ ଆଇନ ଶୃଙ୍ଖଳା ସୁଦୃଢ଼ୀକରଣ ଦିଗରେ ସଂଘର ସହଯୋଗ ଓ ଅଭିଜ୍ଞ ସଦସ୍ୟମାନଙ୍କ ମୂଲ୍ୟବାନ ପରାମର୍ଶ ଜାମନା କରିଥିଲେ ।

ସମ୍ବଲପୁର ମହୋତ୍ସବ-୨୦୨୬: ଗୁରୁ ବିପିନ ଦାଶ ଓ ପୁଷ୍ପା ବେହେରା ପାଇବେ ଶ୍ରେଷ୍ଠ କଳାକାର ସମ୍ମାନ





ସମ୍ବଲପୁର,୧୩/୧୧(ନି/ପ୍ର): ସମ୍ବଲପୁରର ଐତିହ୍ୟ, କଳା, ସଂସ୍କୃତି ଓ ଲୋକପରମ୍ପରାର ମହାକୁମ୍ଭ 'ସମ୍ବଲପୁର ମହୋତ୍ସବ-୨୦୨୬' ଅବସରରେ ଚଳିତ ବର୍ଷର ଶ୍ରେଷ୍ଠ କଳାକାର ସମ୍ମାନ ଘୋଷଣା କରାଯାଇଛି। ଆୟୋଜକ ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ବିଶିଷ୍ଟ ନୃତ୍ୟ ଓ ନାଟ୍ୟ ଗୁରୁ ବିପିନ ଦାଶଙ୍କୁ 'ଉର୍ଜୁଲ ଭୋରାସାଗର ଶ୍ରେଷ୍ଠ ପୁରୁଷ କଳାକାର ସମ୍ମାନ-୨୦୨୬' ଏବଂ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ପୁଷ୍ପା ବେହେରାଙ୍କୁ 'ଗୁରୁବାରୀ ମିର୍ଜା ଦାଶ ଶ୍ରେଷ୍ଠ ନାରୀ କଳାକାର ସମ୍ମାନ-୨୦୨୬' ପ୍ରଦାନ କରାଯିବ। କଳା, ସଂସ୍କୃତି ଓ ସମ୍ବଲପୁରୀ ଲୋକସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଆସନ୍ତା ନଭେମ୍ବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଅଣ୍ଡାପାଲିସ୍ଥିତ ବିର୍ସା ମଇଦାନ (ପିଏଚ୍ଡି ପଡ଼ିଆ)ରେ ଆୟୋଜିତ ହେବାକୁ ଥିବା ମହୋତ୍ସବର ମଚ୍ଚରେ ଉଭୟ କଳାକାରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସମ୍ବଲପୁରୀ ଲୋକନୃତ୍ୟ ଓ ଲୋକକଳାର ମହକରେ ସମଗ୍ର ସମ୍ବଲପୁର ଏବେ ଉତ୍ସବମୁଖର ହୋଇଉଠିଛି। ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ଗୁରୁବାରୀ ମିର୍ଜା ଦାଲଖାଇ ନୃତ୍ୟ ମାଧ୍ୟମରେ ଚଳାକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ମୁଗ୍ଧ କରିଥିବା ବେଳେ ସ୍ୱର୍ଗତ ଗୁରୁବାରୀ ମିର୍ଜା ଦାଲଖାଇ ସମ୍ବଲପୁରୀ ଢୋଲ ବାଦନର ଯାଦୁରେ ତାଙ୍କୁ ନୃତ୍ୟ କରିବାକୁ ବାଧ କରିଥିଲେ। ଏହି ଦୁଇ ମହାନ କଳାକାରଙ୍କ ନାମରେ ସମ୍ମାନ ପ୍ରଦାନ କରାଯିବା ସମ୍ବଲପୁରର କଳା ଓ ସଂସ୍କୃତି ପ୍ରତି ଏକ ଶ୍ରଦ୍ଧାଞ୍ଜଳି ।

ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନରେ ରାମାନୁଜନ ଗଣିତ ପରୀକ୍ଷା



ସମ୍ବଲପୁର,୧୩/୧୧(ନି/ପ୍ର): ହାତିବାରୀସ୍ଥିତ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନଠାରେ ରାମାନୁଜନ ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ମୋଟ ୫୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ଏହି ପରୀକ୍ଷାର ଆୟୋଜନ କରାଯାଇଥିଲା ।ପରୀକ୍ଷା ସମୟରେ ସଂଗଠନର ସଦସ୍ୟ ଶ୍ରୀ ପ୍ରତୀପ ପଣ୍ଡା, ଶ୍ରୀ ପ୍ରମୋଦ ପଟ୍ଟନାୟକ, ଶ୍ରୀ ମନୋଜ ପଣ୍ଡା ଓ ଶ୍ରୀ ଜଟା ଭୂଷଣ ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷ ଶ୍ରୀ ବୁଦ୍ଧଧର ପ୍ରଧାନ ଏହି ଆୟୋଜନ ପାଇଁ ସଂଗଠନର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟ ଏକ ସାମାଜିକ କାର୍ଯ୍ୟକ୍ରମରେ ପୁଲଙ୍ଗରଣ୍ଡସ୍ଥିତ ମାହୁଲପାଲିର ଆଇ.ଏସ୍. ବାଳ ନିକେତନର ଜଣେ ଅନ୍ତେବାସୀ ଛାତ୍ରଙ୍କୁ ଏକ ଚେସ୍ ବୋର୍ଡ ପ୍ରଦାନ କରାଯାଇଥିଲା। ଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ ବିକାଶ ଓ ଖେଳ ପ୍ରତି ଆଗ୍ରହ ବୃଦ୍ଧି କରିବା ଦିଗରେ ଏହି ପଦକ୍ଷେପ ଉଲ୍ଲେଖନୀୟ।

ବେଆଇନ ଧାନ ବ୍ୟବସାୟରେ ଚଢ଼ାଉ, ୬୧.୯୨ କୁଇଂଟାଲ ଧାନ ଜବତ

ସମ୍ବଲପୁର, ୧୩/୧୧(ନି/ପ୍ର): ବେଆଇନ ଧାନ କାରବାର ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଅଭିଯୋଗ ମିଳିବା ପରେ ସମ୍ବଲପୁର ଜିଲ୍ଲା ଏନଫୋର୍ସମେଂଟ ସ୍କାଡ୍ ପକ୍ଷରୁ ରେଙ୍ଗାଲି କୁଦ୍ର ଲୋଚଡ଼ା ଗ୍ରାମରେ ଅଚାନକ ଚଢ଼ାଉ କରିଥିଲା । ଗତ ୧୦ ତାରିଖ ବିଜଡିତ ସନ୍ଧ୍ୟାରେ ହୋଇଥିବା ଏହି ଚଢ଼ାଉ ସମୟରେ ତୁଲେଶ୍ୱର ବାଗ ନାମକ ବ୍ୟକ୍ତିଙ୍କ ନିକଟରୁ ୧୮୦ଟି ବସ୍ତାରେ ଚାଉଳାଣ ହେବାପାଇଁ ରଖାଯାଇଥିବା ୬୧.୯୨ କୁଇଂଟାଲ ଧାନ ଜବତ କରାଯାଇଛି । ଏହା ସହିତ ଧାନ ପରିବହନରେ ବ୍ୟବହୃତ ଦୁଇଟି ଗାଡ଼ି ଓଡିଶ୍ୟ ୫୭ ଇ ୧୬୩୩ ନମ୍ବରର ଗୋଦିପ ଟ୍ରକ୍ ଓ ଓଡି ୧୫ ଭି ୦୭୨୨ ନମ୍ବରର ଏକ ଭ୍ୟାନକୁ ମଧ୍ୟ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜବତ କରାଯାଇଛି ବୋଲି ଆଜିଜିଲ୍ଲା ଯୋଗାଣ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଦେବ୍ରିଗଡ଼ ଅଭୟାରଣ୍ୟରେ ବନ ବିଭାଗ ଓ ବରଗଡ଼ ପୁଲିସର ମିଳିତ ଚଢ଼ାଉ ଫାଶ ଓ ବିଦ୍ୟୁତ୍ ତାର ସମେତ ବିଭିନ୍ନ ସାମଗ୍ରୀ ଜବତ



ସମ୍ବଲପୁର,୧୩/୧୧(ନି/ପ୍ର): ଦେବ୍ରିଗଡ଼ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର ଓ ଅବୈଧ କାର୍ଯ୍ୟକଳାପ ରୋକିବା ପାଇଁ ବନ ବିଭାଗ ଓ ବରଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ନଭେମ୍ବର ୧୦ ଓ ୧୧ ତାରିଖରେ ମିଳିତ ଭାବେ ବ୍ୟାପକ ଚଢ଼ାଉ ଓ ଚଲାସୀ ଅଭିଯାନ କରାଯାଇଛି। ଗୁପ୍ତ ସୂଚନା ଆଧାରରେ ପ୍ରାୟ ୭୦ ଜଣ ବନ ବିଭାଗ ଓ ପୁଲିସ କର୍ମଚାରୀଙ୍କୁ ନେଇ ଅଭୟାରଣ୍ୟ ଫଲଗୁ ୫ଟି ଗ୍ରାମରେ ଏହି ଅଭିଯାନ ଚାଲିଥିଲା। ଏହି ଅଭିଯାନରେ ରାଉତପଡ଼ା ଗ୍ରାମର ଘନଶ୍ୟାମ ମିର୍ଝା (୪୦) ଓ ସୁପ୍ରସାଦ ପୁଜ (୪୮) ନାମକ ଦୁଇ ଜଣଙ୍କୁ ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଗିରଫ କରାଯାଇଛି। ସେମାନଙ୍କଠାରୁ ଜବୁତ ଧରିବା ଫାଶ, ଜାଲ, ୩ ଜେଜି ବିଦ୍ୟୁତ୍ ତୁଳି ତାର ଓ ୨ ଜେଜି କେବୁଲ ତାର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏହି ସାମଗ୍ରୀ ବ୍ୟବହାର କରି ବନ୍ୟଜନ୍ତୁଙ୍କୁ ଅବାଧରେ ଫାଶରେ ପକାଇବା ଓ ବିଦ୍ୟୁତ୍ ଆଘାତ ଦେଇ ଶିକାର କରିବାର ଆଶଙ୍କା ରହିଥିଲା। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଚିତାବାଘ ଶିକାର ପାଇଁ ଯୋଜନା କରିଥିବା ସହ ଅଭୟାରଣ୍ୟ ଭିତରେ ଏଥିପାଇଁ ଫାଶ ବିଛାଇଥିବା ଜଣାପଡ଼ିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦେବ୍ରିଗଡ଼ ବନ୍ୟପ୍ରାଣୀ ବନଖଣ୍ଡର ଲଖନପୁର ରେଞ୍ଜ ପକ୍ଷରୁ ନଭେମ୍ବର ୧୧ ତାରିଖରେ କୋର୍ଟକୁ ଚାଲାଣ କରାଯାଇଛି । ଅନ୍ୟପକ୍ଷରେ, ବନ୍ୟଜନ୍ତୁ ଶିକାର ସମ୍ପର୍କରେ ବିଶ୍ୱସନୀୟ ସୂଚନା ଦେଲେ ୧,୦୦୦ ଟଙ୍କା ନଗଦ ପୁରସ୍କାର ଦିଆଯିବ ବୋଲି ଦେବ୍ରିଗଡ଼ ଜର୍ନୁପଥ ଘୋଷଣା କରିଛନ୍ତି। ଅଭୟାରଣ୍ୟ ସଂଲଗ୍ନ ଜଙ୍ଗଲ ଅଂଚଳରେ ଶିକାରୀମାନେ ଅସ୍ତ୍ରଶସ୍ତ୍ର ଲୁଚାର ଉଣ୍ଟୁଥିବା ଆଶଙ୍କାରେ ମେଟାଲ ଡିଟେକ୍ଟର ଓ ଲାଇଭ୍ଷ୍ଟାୟାର ଡିଟେକ୍ଟର ସାହାଯ୍ୟରେ ମଧ୍ୟ ଯାଂଚ କରାଯାଇଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସୁପ୍ତ ସୂଚନା ଆଧାରିତ ଚଢ଼ାଉ, ନିୟମିତ ପାଟ୍ରୋଲିଂ, ନଜରଦାରି ଏବଂ ବନ ବିଭାଗ, ପୁଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରାଯାଇଛି। ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ, ଚଲାସୀ, ଜବତ ଓ ଗିରଫଦାରୀ ଅଭିଯାନ ଜାରି ରହିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବଡ଼ବଜାର ବଙ୍ଗାଳୀପଡ଼ାରେ ତିନିଦିନ ଧରି ମା' କାଳୀଙ୍କ ପୂଜା ସମ୍ପନ୍ନ



ସମ୍ବଲପୁର,୧୩/୧୧(ନି/ପ୍ର): ପବିତ୍ର ଦୀପାବଳି ଅବସରରେ ସମ୍ବଲପୁରର ବଡ଼ ବଜାର ବଙ୍ଗାଳୀପଡ଼ାସ୍ଥିତ ନେତାଜୀ ସୁବାଷ ଙ୍ଗ କ୍ଲବ ପକ୍ଷରୁ ମା' କାଳୀଙ୍କ ପୂଜା ମହାଆଡ଼ମ୍ବର ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ତିନିଦିନ ଧରି ପାଳିତ ହୋଇଯାଇଛି। ପୂଜାର ଅନ୍ତିମ ଦିନରେ ମା'ଙ୍କ ବିସର୍ଜନ ଉପଲକ୍ଷେ ପଡ଼ାର ଶତାଧିକ ମହିଳା ଓ ପୁରୁଷଙ୍କ ଧୁନୁଚି ନୃତ୍ୟ ଶୋଭାଯାତ୍ରାର ଆକର୍ଷଣକୁ ଆହୁରି ବଢ଼ାଇଥିଲା । ଶେଷରେ ଭକ୍ତି ଓ ଉତ୍ସାହର ସହ ମା'ଙ୍କ ବିସର୍ଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ଅବସରରେ କୁଦର କର୍ମକର୍ତ୍ତା ଜିତୋର ଦାସ, ଜୟନ୍ତ ଚାନ୍ଦ, ଅତୁଣ ବଡ଼, ପିକୁ ବାବା, ହିମାଶୁ କର୍ମକାର, ବିଶ୍ୱଜିତ ରାୟ, ବିକାଶ ଦେବନାଥ, ବିପୁବ ସିହ୍ନା, ଜୟ ଘୋଷ, ଜବାର ରାୟ, ତପନ ଘୋଷ, ସପନ ଚାନ୍ଦ, ସଞ୍ଜୀବ ବଡ଼, ରାଜେଶ ମାଝୀ, ଗଣେଶ ଦେବନାଥ, ଦେବାଶିଷ ରାୟ, ଅନୁପ ବାସ, ଦେବାଶିଷ ବେ, ସୋନୁ ମୂର୍ତ୍ତି ଓ ସଞ୍ଜୟ ବେ ପ୍ରମୁଖ ଉପସ୍ଥିତ ରହି ପୂଜା ଓ ବିସର୍ଜନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଧାର୍ମିକ ଆୟୋଜନ ପଡ଼ାବାସୀଙ୍କ ମଧ୍ୟରେ ଏକତା, ଭାଇଚାରା ଓ ସାଂସ୍କୃତିକ ପରମ୍ପରାର ଏକ ସୁନ୍ଦର ନିଦର୍ଶନ ସୃଷ୍ଟି କରିଥିଲା ।


କୋରାପୁଟ ଜିଲାରେ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି

ଜୟପୁର,୧୩/୧୧(ନି/ପ୍ର): କୋରାପୁଟ ଜିଲାରେ ଦେଶୀ ଓ ବିଦେଶୀ ମଦର ବ୍ୟାପକ କରବାର ହେଉଥିବା ଜଣାପଡ଼ିଛି । ଜିଲାରେ ମଦ ଦେପାର ଭଲ ଚାଲିଥିବାବୁ ଅନେକ ଲୋକ ଅନ୍ୟ ଦେପାର ଛାଡି ମଦ ଦେପାର ଭଲ ଭାବରେ ଚଳାର ଆସିଥିବା ଜଣାପଡ଼ିଛି । ଅବକାରୀ , ପୋଲିସ ଜି ଜିଲା ପ୍ରଶାସନର ଅଧିକାରୀ ବ୍ୟସ୍ତ ରହୁଥିବାବୁ ଏ ଦିଗରେ ଦେପାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁନାହିଁ । ଏହି ଦେପାର ପାଇଁ ଦେପାରୀଙ୍କୁ ବିଶେଷ ଖର୍ଚ୍ଚ ପଡୁ ନଥିବାରୁ ଏହି ଦେପାର ପ୍ରତି ସମସ୍ତେ ଆଗ୍ରହ ପ୍ରକାଶ କରୁଥିବା ଜଣାପଡ଼ିଛି । ପଡୋଶୀ ଜିଲା ସମେତ ଏହାର ଉପାନ୍ତ ଅଂଚଳରେ ଲୁଚାର ଶିଳ୍ପ ଭାବରେ ଦେଶୀ ମହୁଲି ମଦରନ୍ଧା ଯାଉଛି । ଏଥିରେ ମହୁଲ ଫୁଲ ସହିତ ବିଭିନ୍ନ ରାସାୟନିକ ଦ୍ରବ୍ୟ ନିଶା ବଢିବା, ସୁରିଆ ସାର ମିଶ୍ରଣ କରାଯାଉଥିବା ଆଲୋଚନା ହେଉଛି । ତେବେ ଏହା ଶରୀର ଉପରେ କୁପ୍ରଭାବ ପକୁଥିବା ଲକ୍ଷ୍ୟ କରାଯାଇଛି । ଏହି ବ୍ୟବସାୟରେ ମଦ୍ୟପଙ୍କ ପାଖରେ ପହଂଚିବା ପାଇଁ ଅନେକ ମାଧ୍ୟମ ରହିଛି । ଜଣେ ମଦ ପ୍ରସ୍ତୁତ କରିବା ବେଳେ ଏହାକୁ ଅନ୍ୟମାନେ ନେଇ ଗାଁ ଗୁଡିକରେ ବା ବୁଡିଆ ବ୍ୟବସାୟୀ ପାଖରେ ପହଂଚାଇଥାନ୍ତି । ଗାଁ ମୁଣ୍ଡରେ ନାମକୁ ମାତ୍ର ଦୁଇ ଦୋକାନରେ ଏହା ବହୁତ ଭାବେ ମିଳୁଥିବା ଜଣାପଡ଼ିଛି । କେତେକାଂଶରେ ପାନ ଦୋକାନରେ ସହଜ ବିକ୍ରି ହେଉଥିଲେ ମଧ୍ୟ ମଦଗୁଡିକ ବେଳେ ବେଳେ ଉକ୍ତ ଦୋକାନରେ ନ ରଖାଯାଇ ଦୋକାନ ପାଖରେ ଥିବା ପାଳଘର। ଘାସ ତୁଦା, ଛୋଟ ଗାଡିଆରେ ରଖାଯାଇଥାଏ । ଗ୍ରାହକ ପହଂଚିଲେ ସେଠାରୁ ଆଣି ଦିଆଯାଇଥାଏ। ଆଉ କେତେକ ଦେପାରୀ ଭ୍ରାମ୍ୟମାଣ ଏଜେଂଟ ରଖିଥାନ୍ତି । ସେମାନେ ବୁଲି ବୁଲି ଫୋନରେ ଅର୍ଡର କରିଥିବା ବ୍ୟକ୍ତିଙ୍କ ପାଖରେ ପହଂଚାଇ ଦେଇଥାନ୍ତି । ଏହିପରି ଭାବରେ ଦେଶୀ ମଦର ଦେପାର ଚାଲିଥିବା ବେଳେ ବିଦେଶୀ ମଦ ଦେପାର ମଧ୍ୟ ପଛରେ ପଡ଼ି ନାହିଁ । ବିଦେଶୀ ମଦ ଦୋକାନରୁ ଗାଁରେ ପେଟି ଆକାରରେ ମଦ ପହଂଚି ଯାଉଛି । ଗରିବ ତଥା ମଜୁରିଆ ଶ୍ରେଣୀର ଲୋକେ ଦେଶୀ ପାଉଚ ନେଇଥିବା ବେଳେ ଧନୀ ଏବଂ ଶିକ୍ଷିତ ଗୋଷ୍ଠୀର ଲୋକେ ବିଦେଶୀ ମଦ ଜିଣିଥାନ୍ତି । ବିଦେଶୀ ମଦ ବାହାରେ ବିକ୍ରି ହେବାର ନିୟମ ନ ଥିଲେ ମଧ୍ୟ ପେଟି ଆକାରରେ ବାହାରକୁ ଚାଲିଯାଉଛି । ସରକାରୀ ଠିପି ବନ୍ଦ ଦୋକାନ ସମ୍ମୁଖରେ ଖୋଲାରେ ମଦର ଆସର ଜମୁଛି । କୋରାପୁଟ ଜିଲା ଜୟପୁର, କୁନ୍ଦୁରା, ବୋରିଗୁମ୍ମା, ଜେଚପାଡ ରେ ପ୍ରଚୁର ବିଷାକ୍ତ ମଦ ବିକ୍ରି ହେଉଥିବା ନେଇ ମହିଳା ମାନେ ଥାନା, ଅବକାରି ଥାନା , ଏସଡିପିଓ ଅଫିସ ଘେରାଉ କରି ମଦ ବନ୍ଦ କରିବା



ସାଇବର ଠକେଇକୁ ଠାବ କରିବା ସହ ରାଉରକେଲା ପୋଲିସ୍ ମୁମ୍ବାଇରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା





ରାଉରକେଲା,୧୩/୧୧(ନି/ପ):ଏକ ବଡ ସାଇବର ଠକେଇକୁ ଠାବ କରିବା ସହିତ ରାଉରକେଲା ପୋଲିସ୍ ମୁମ୍ବାଇରୁ ଜଣେ ସାଇବର ଅପରାଧୀକୁ ଗିରଫ କରିଛି। ନକଲି ଟ୍ରାଫିକ୍ ଇ-ଚାଲାଣ ମାଧ୍ୟମରେ ଜଣେ ରାଉରକେଲା ବାସିନ୍ଦାଙ୍କଠାରୁ ପ୍ରାୟ ୬ ଲକ୍ଷ ଟଙ୍କା ଠକେଇ କରିଥିବା ସାଇବର ଠକେଇ ମାମଲାର ସମାଧାନ କରି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିପାରିଛି। ରାଉରକେଲା ପୋଲିସର ସୂଚନା ଅନୁସାରେ, ୨୦୨୬ ମଇ ୩୦ ତାରିଖ ରାତି ପ୍ରାୟ ୧୦ଟା ୩୦ ସମୟରେ ଅଭିଯୋଗକାରୀ ଏକ ହ୍ୱାଟ୍ସ ଆପ୍ ମେସେଜ୍ ପାଇଥିଲେ ଯେ, ଯାହା ଏକ ସରକାରୀ ଟ୍ରାଫିକ୍ ଇ-ଚାଲାଣ ପରିବହନ ବିଭାଗ ବିଜ୍ଞପ୍ତି ପରି ଥିଲା। ସେହି ମେସେଜରେ ତାଙ୍କୁ ପରିବହନ କାର୍ଯ୍ୟାଳୟ (ଜଞ୍ଚଡ)ରେ ୫୦୦ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଅଭିଯୋଗକାରୀ ମେସେଜ୍ ଉପରେ କ୍ଲିକ୍ କଲା ପରେ, ତାଙ୍କ ଫୋନକୁ ବହୁ ଏପ୍ଲିକେସନ ଓଟିପି (ଜଞ୍ଚଡ) ମେସେଜ୍ ଆସିବା ଆରମ୍ଭ କରିଥିଲା। ସେ ତୁରନ୍ତ ତାଙ୍କ ବ୍ୟାଙ୍କ ବାଲାନ୍ସ ଯାଞ୍ଚ କରିବାର ଠକେଇକୁ ଠାବ କରିବା ସହ ରାଉରକେଲା ପୋଲିସ୍ ମୁମ୍ବାଇରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା ରାଉରକେଲା ୧୩/୧୧, ଏକ ବଡ ସାଇବର ଠକେଇକୁ ଠାବ କରିବା ସହିତ ରାଉରକେଲା ପୋଲିସ୍ ମୁମ୍ବାଇରୁ ଜଣେ ସାଇବର ଅପରାଧୀକୁ ଗିରଫ କରିଛି। ନକଲି ଟ୍ରାଫିକ୍ ଇ-ଚାଲାଣ ମାଧ୍ୟମରେ ଜଣେ ରାଉରକେଲା ବାସିନ୍ଦାଙ୍କଠାରୁ ପ୍ରାୟ ୬ ଲକ୍ଷ ଟଙ୍କା ଠକେଇ ମାମଲାରେ ରାଉରକେଲା ସାଇବର କ୍ରାଇମ ଏବଂ ଅର୍ଥନୈତିକ ଅପରାଧ ଶାଖା ଏକ 'ଇଚ୍ଚ ଫାଇଲ୍' ସାଇବର ଠକେଇ ମାମଲାର ସମାଧାନ କରି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିପାରିଛି। ରାଉରକେଲା ପୋଲିସର ସୂଚନା ଅନୁସାରେ, ୨୦୨୬ ମଇ ୩୦ ତାରିଖ ରାତି ପ୍ରାୟ ୧୦ଟା ୩୦ ସମୟରେ ଅଭିଯୋଗକାରୀ ଏକ ହ୍ୱାଟ୍ସ ଆପ୍ ମେସେଜ୍ ପାଇଥିଲେ ଯେ, ଯାହା ଏକ ସରକାରୀ ଟ୍ରାଫିକ୍ ଇ-ଚାଲାଣ ପରିବହନ ବିଭାଗ (ଜଞ୍ଚଡ) ବିଜ୍ଞପ୍ତି ପରି ଥିଲା। ସେହି ମେସେଜରେ ତାଙ୍କୁ ପରିବହନ କାର୍ଯ୍ୟାଳୟ (ଜଞ୍ଚଡ)ରେ ୫୦୦ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଅଭିଯୋଗକାରୀ ମେସେଜ୍ ଉପରେ କ୍ଲିକ୍ କଲା ପରେ, ତାଙ୍କ ଫୋନକୁ ବହୁ ସଂଖ୍ୟକ ଓଟିପି (ଜଞ୍ଚଡ) ମେସେଜ୍ ଆସିବା ଆରମ୍ଭ କରିଥିଲା। ସେ ତୁରନ୍ତ ତାଙ୍କ ବ୍ୟାଙ୍କ ବାଲାନ୍ସ ଯାଞ୍ଚ କରିବାରୁ ସେ ଜାଣିବାକୁ ପାଇଲେ ଯେ, ତାଙ୍କ ଆକାଉଣ୍ଟରୁ ଜଣଙ୍କ ଅନଲାଇନ ଟ୍ରାନ୍ସାକ୍ସନ୍ ଜରିଆରେ ୬ ଲକ୍ଷ ଟଙ୍କା (ପ୍ରାୟ ୬ ଲକ୍ଷ) ଅନଧିକୃତ ଭାବେ ଟ୍ରାନ୍ସଫର୍ କରାଯାଇଛି। ସେ ତୁରନ୍ତ ତାଙ୍କ ବ୍ୟାଙ୍କ ଶାଖାକୁ ଯାଇ ଜଣାଇବାକୁ ପାଇଲେ ଯେ, ତାଙ୍କ ଆକାଉଣ୍ଟରୁ ଜଣଙ୍କ ଅନଧିକୃତ ଯୁପିଆର (ଟଚଓ) ଟ୍ରାଞ୍ଜାକ୍ସନ୍ କରାଯାଇଛି। ତାଙ୍କ ସଂସ୍ଥ ଆକାଉଣ୍ଟରୁ ମୋଟ ୫,୯୯,୫୮୮.୫୩ ଟଙ୍କା (ପ୍ରାୟ ୬ ଲକ୍ଷ) ଅନଧିକୃତ ଡେବିଟ୍ ହୋଇଛି। ପୋଲିସର ତତ୍ତ୍ୱ ସମୟରେ, ଟ୍ରାଞ୍ଜାକ୍ସନ୍ ଟ୍ରେସ୍ ଯାଞ୍ଚ କରାଯାଇଥିଲା ଏବଂ ହିତାଧିକାରୀଙ୍କ ଆକାଉଣ୍ଟ ବିବରଣୀ, ଟ୍ରାଞ୍ଜାକ୍ସନ୍ ଷ୍ଟେଟମେଣ୍ଟ, ଇଶ୍ୟୁ ଡକ୍ୟୁମେଣ୍ଟ ସହିତ ଅନ୍ୟାନ୍ୟ ପ୍ରାସଙ୍ଗିକ ରେକର୍ଡ ପାଇବା ପାଇଁ ସମ୍ପୃକ୍ତ ବ୍ୟାଙ୍କ, ପେମେଣ୍ଟ ମଧ୍ୟସ୍ଥି ଏବଂ ଅନ୍ୟାନ୍ୟ ଫଣ୍ଟାସ୍ତ୍ରିଡ୍‌ରୁ ଅନୁରୋଧ କରାଯାଇଥିଲା। ତତ୍ତ୍ୱ ସମୟରେ ଆହୁରି ଜଣାପଡିଥିଲା ଯେ, ଠକେଇ ପରିମାଣ ବିଭିନ୍ନ ବ୍ୟାଙ୍କ ସହିତ ଜଡିତ ଜାର୍ଡ ସହିତ ଜଡିତ କ୍ରେଡିଟ୍-କାର୍ଡ ବିଲ୍ ପେମେଣ୍ଟ ପାଇଁ ବ୍ୟବହାର କରାଯାଇଥିଲା। କ୍ରେଡିଟ୍ କାର୍ଡ ବିବରଣୀ ଏବଂ ଲିଙ୍କ୍ ହୋଇଥିବା ମୋବାଇଲ୍ ନମ୍ବର ପାଇବା ପାଇଁ ପୋଲିସ ଦଳକୁ ମୁମ୍ବାଇ ପଠାଯାଇଥିଲା। ଫଳରେ ମୁମ୍ବାଇର ମହାରାଷ୍ଟ୍ରୁରୁ ଅଭିଯୁକ୍ତ ତେଜସ ଶରଦ ଦୁର୍ହାଡେଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ନିଜସ୍ୱ ଜବତ ହୋଇଥିବା ବ୍ୟାଙ୍କ ଆକାଉଣ୍ଟର ବିବରଣୀ ପରବର୍ତ୍ତୀ ସମୟରେ 'ମମାନଲ୍ୟ ପୋର୍ଟାଲ୍' ଏବଂ ରାଉରକେଲା ସାଇବର ସେଲ୍, ମାଧ୍ୟମରେ ଯାଞ୍ଚ କରାଯାଇଥିଲା। ଅଭିଯୁକ୍ତଙ୍କ ସହିତ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟ ଏବଂ କ୍ରେଡିଟ୍ କାର୍ଡଗୁଡିକ ହରିୟାଣା, ପଞ୍ଜାବ, ଦିଲ୍ଲୀ ଏବଂ ବୋଲକାତା (ପଶ୍ଚିମ ବଙ୍ଗ) ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୧୮.୬ ଲକ୍ଷ ଟଙ୍କା ଠକେଇ କାରବାର ସହ ସାଇବର ଅପରାଧ ଅଭିଯୋଗ ସହିତ ଜଡିତ ଥିଲା। ଘଟଣାରେ ମୁମ୍ବାଇରୁ ଗିରଫ ଅଭିଯୁକ୍ତ ହେଲେ ମହାରାଷ୍ଟ୍ର ମୁମ୍ବାଇ କଳାଚୌକି ଥାନା ଅନ୍ତର୍ଗତ ପରେଲର ଚେତନ ଶରଦ କୁରହାଡେ (୩୫)। ଅଭିଯୁକ୍ତଙ୍କ ନିଜସ୍ୱ ଗୋଟିଏ ଆଇ ଫୋନ୍ ୧୫+ ଯେଉଁଥିରେ ଅଭିଯୋଗର ସିମ୍ ଅଛି। ଗୋଟିଏ ସାମସଙ୍ଗ୍ ଗାଲାକ୍ସି ଜେଡ୍ ଫୋଲ୍ଡ ମୋବାଇଲ୍, ୪ଟି କ୍ରେଡିଟ୍ କାର୍ଡ, ଗୋଟିଏ ପାନ୍ କାର୍ଡ ଜବତ କରାଯାଇଛି। ପୋଲିସ ପକ୍ଷରୁ ଘଟଣାରେ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଏବଂ ସମ୍ବିଶ୍ଳ ସାଇବର ଠକେଇର ପ୍ରବାହକୁ ଠାବ କରିବା ପାଇଁ ପୋଲିସ ପକ୍ଷରୁ ଅଧିକ ତତ୍ତ୍ୱ ଜାରି ରହିଛି। ଆଜି ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ବିଷୟରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଖୁଣ୍ଟିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀକାଶୀ ନାୟକ, ସାଇବର ସେଲ୍ ଡିଏସପି ଅମରେନ୍ଦ୍ର ଷଣ୍ଡ, ଇନସ୍ପେକ୍ଟର ପଦ୍ମାବତୀ ମିର୍ଦ୍ଦାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀ । ପୋଲିସ ପକ୍ଷରୁ ସଚେତନତା ବାର୍ତ୍ତାରେ କୁହାଯାଇଛି ଯେ ସାଧାରଣ ଜନତା ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ସାଇବର ଥାନା ଜିମ୍ଖା ସ୍ଥାନୀୟ ଥାନା ଜିମ୍ଖା ୧୯୩୦ ଜିମ୍ଖା ୧୧୨ ନମ୍ବରରେ ଯୋଗାଯୋଗ କରିବା ପାଇଁ ପୋଲିସ ପକ୍ଷରୁ କୁହାଯାଇଛି। କୌଣସି ଜଲରୁକ୍ଷ ବ୍ୟକ୍ତିଗତ ସୂଚନା ଅର୍ଥାତ୍ ଆପଣଙ୍କର ଜିମ୍ଖା ଆପଣଙ୍କ ପରିବାରର ବ୍ୟାଙ୍କ ବିବରଣୀ ସେୟାର କରନ୍ତୁ ନାହିଁ। ଅଜଣା ଇଚ୍ଚ ଫାଇଲ୍ ଡାଉନଲୋଡ୍ କରନ୍ତୁ ନାହିଁ। ଏହି ଘଟଣାରେ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଶାଖା ଥାନା ସେଜ୍‌ନରର-୩୯ ତାରିଖ ୦୨.୦୮.୨୦୨୬ରେ ବିଏନ୍‌ଏସ୍ ଧାରା ୩୧୮(୪)/୩୧୯(୨)/୩୩୭(୩) ଓ ୨୦୦୦ର ଆଇ ଟି ଆକ୍ଟର ସେସନ୍ସ୍-୬୬/୬୬-ଉ/୬୬-ଡି ଅନୁଯାୟୀ ମାମଲା ରୁଜୁକରାଯାଇଛି।

ବିଶ୍ୱଚେତନା :ଆମ୍ବୋଧରୁ ବୁହ୍ମବୋଧ ଆଲୋଚନାଚକ୍ର



ରାଉରକେଲା,୧୩/୧୧(ନି/ପ): ଅଞ୍ଚଳ ଭାରତୀୟ ସାହିତ୍ୟ ପରିଷଦ, ମାଧବ ନଗର ଶାଖା ଓ ରାଉରକେଲା ମହାବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନଗର ଶାଖାର ସଭାପତି ତୁଲେନ୍ଦ୍ର କୁମାର ବାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ 'ବିଶ୍ୱଚେତନା: ଆମ୍ବବୋଧରୁ ବୁହ୍ମବୋଧ' ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସୁସାହିତ୍ୟିକା ନିରୁପମା ପଡିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଲଜଳର ଅଧକ୍ଷ ତଥା ଅଞ୍ଚଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ମହାନଗର ସଭାପତି ଡ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ଏବଂ ବିଶେଷ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ ବାଣୀବିଶାରଦ ଡ. ସ୍ୱାମୀ ବିବାନନ୍ଦ ବ୍ରହ୍ମଚାରୀ । ଡ. ଜେନା ତାଙ୍କ ସଭାପତିତ୍ୱ ଅଭିଭାଷଣରେ ବ୍ୟକ୍ତି ଜୀବନ ଜିପରି ବିଶ୍ୱଜୀବନଦ୍ୱାରା ପ୍ରଭାବିତ ଓ ବିଶ୍ୱାୟନରେ ଜଗତିକରଣ, ଉଦାରିକରଣ, ଘରୋଇକରଣର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ବିଷୟ ବିଶେଷଜ୍ଞ ସ୍ୱାମୀ ବିବାନନ୍ଦ ବ୍ୟକ୍ତିର ଚିନ୍ତା, ଚେତନା, ସଚେତନା ତଥା ବ୍ୟକ୍ତିଜୀବନଠାରୁ ବିଶ୍ୱଜୀବନ ପର୍ଯ୍ୟନ୍ତ ପ୍ରଲମ୍ବିତ ସାମାଜିକ ଜୀବନଧାରା ସମ୍ପର୍କରେ ଆଲୋଚନା କରିବା ସହ ସନାତନ ପରଂପରା, ବୈଦିକ ଜୀବନ, ବୈଦିକ ମନ୍ତ୍ର ସମ୍ପର୍କରେ ବହୁ ଉପାଦେୟ ତାତ୍ତ୍ୱିକ ବ୍ୟାଖ୍ୟା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ନିଜର ମନନଶୀଳ ଜ୍ଞାନଗର୍ଭକ ଓ ବିଗଦର୍ଶନମୂଳକ ଅଭିଭାଷଣ ପ୍ରଦାନ କରିଥିଲେ । ପର୍ଯ୍ୟାୟ ଶେଷରେ ଅଧ୍ୟାପକ ପୂର୍ଯ୍ୟକାନ୍ତ ବାସ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆ - ଜା - ମା - ବେ ଶୀର୍ଷରେ ବୈଦା ଆବୃତି ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ପର୍ବରେ ସଭାପତିତ୍ୱ କରିଥିଲେ ରାଉରକେଲାର ପରିଚିତ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ସଂଯୋଜକ ଭାବେ ଥିଲେ ଅଧ୍ୟାପିକା ଅଳକା ମାହାନ୍ତି ଓ ଅଧ୍ୟାପିକା କ୍ଷୀରେଶ୍ୱରୀ ବିଷାନ । ଏହି ଅଧିବେଶନରେ ଜବିତା ଆବୃତି କରିଥିଲେ ପ୍ରଚାର ବୁଦ୍ଧ ତ୍ରିପାଠୀ, ଗଗନ ବିହାରୀ ନାୟକ,ସୂର୍ଯ୍ୟକାନ୍ତ ବାସ, ପ୍ରୀତମ ସାମଲଙ୍କ ସମେତ ମଚମଂପାନ ଅନ୍ୟାନ୍ୟ କବି ମାନେ। କାର୍ଯ୍ୟକ୍ରମରେ ଜଗନ୍ନାଥ ରାଉତ , ଆଶୁତୋଷ ଜ୍ୟୋତିଷୀ , ହୃଦାନନ୍ଦ ପଟେଲ, ସୁଶାନ୍ତ କୁମାର ମହାନ୍ତି, ବୁହ୍ମାନନ୍ଦ ପାଢୀ, ତନ୍ଦ୍ରଶେଖର ଶତପଥି, ସୁନୀଲ କୁମାର ମହାନ୍ତି , କୈଳାସ ତନ୍ତ୍ର ମହାନ୍ତି, ମହାଦେବ ମାଝୀ, ରମେଶ ଚନ୍ଦ୍ର ସିଂହଙ୍କ ସମେତ ରାଜଶ୍ରୀ ରାଉତିଆ, ଦୁର୍ଗେଶ୍ୱର ନାଗ, ଆମିଶା ବାର୍ଲା, ଶ୍ରାବଣୀ ସାହୁ, ରାନୀ ମିଞ୍ଜ, ପ୍ରିୟା ଏକ୍କା, ବବି ଏକ୍କା, ଦୁର୍ଗିମୟୀ ମହାକୁଡ଼, ଗୀତାଞ୍ଜଳିପ୍ରଧାନ, ପୂର୍ଣ୍ଣିମା ମଲ୍ଲିକ, ପାର୍ବତୀ ଲୋହୁ ପ୍ରମୁଖ ବହୁ ଛାତ୍ର-ଛାତ୍ରୀ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଓ ପରିଶେଷରେ ଆନୁଷାନିକ ଭାବେ ପ୍ରତାପବୁତ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ, ଶନିବାର ମହାଅଙ୍କର ପୂର୍ଣ୍ଣାହୂତି

ଉତ୍ତୁଙ୍ଗ,୧୩/୧୧(ନି/ପ):ଜଗତ ଜନନୀ,ପରମ ବୈଷ୍ଣବୀ ଉତ୍ତୁଙ୍ଗ ର ଅଧିଷ୍ଠାତ୍ରୀ ଦେବୀ ମା ଉତ୍ତୁଙ୍ଗାକୀ ସପ୍ତମାତୃକା ବେଶର ଅଂଶ ଦିବସ ରେ ଧାରଣ କରିଛନ୍ତି ଜଗଦ୍ଧାତ୍ରୀ ବେଶ। ଏହି ଅଲୌକିକ ଅପୂର୍ବ ଜଗଦ୍ଧାତ୍ରୀ ରୂପରେ ପୀଠ ରେ ପୂଜା ପାଇଛନ୍ତି ମା ଉତ୍ତୁଙ୍ଗାକୀ। ମା' ଙ୍କ ର ଏହି ବେଶ କୁ ଦର୍ଶନ କରିବା ନିମନ୍ତେ ଭକ୍ତ ମାନଙ୍କ ର ଦିନ ତମାମ ଭିଡ଼ ଲାଗି ରହିଥିଲା । ଶ୍ରଦ୍ଧାଳୁ ଭକ୍ତ ମାନେ ଧୂପ, ଦୀପ ନୈବେଦ୍ୟ ଅର୍ପଣ କରି ମାଙ୍କୁ ନିଜର ସୁଖାରି ଜଣାଇଛନ୍ତି। ଜଗଦ୍ଧାତ୍ରୀ ବେଶ ରେ ବାସ ବାହନ ରେ ବିରାଜ ମାନ କରି ମା ଶଙ୍ଖ ଚକ୍ର ଗଦା ପଦ୍ମ ଧାରଣ ପୂର୍ବକ ଚତୁର୍ଦ୍ଧା ମୂର୍ତ୍ତରେ ଭକ୍ତ ଙ୍କୁ ଦର୍ଶନ ଦେଇଛନ୍ତି । ସମଗ୍ର ଜଗତ କୁ ଧାରଣ କରିଥିବାରୁ ସେ ହେଉଛନ୍ତି ଜଗଦ୍ଧାତ୍ରୀ। ସୃଷ୍ଟିର ପ୍ରତ୍ୟେକ ସଜୀବ, ନିର୍ଜୀବ, ବସ୍ତୁ ପଦାର୍ଥ, ଅଣୁ ଓ ପରମାଣୁ ରେ ତାଙ୍କର ସତା ଅନୁଭୂତ ହୁଏ । ତାଙ୍କ ଇଚ୍ଛା ବିନା ଗଛ ରୁ ପତ୍ର ଟିଏ ହଲି ନ ଥାଏ। ଅଗ୍ନି, ଜଳ, ବାୟୁ, ପୃଥିବୀ, ଆକାଶ ସର୍ବତ୍ର ବିଦ୍ୟମାନ। ସେ ଆଦ୍ୟା ଶକ୍ତି ଜଗଦ୍ଧାତ୍ରୀ। ସପ୍ତ ମାତୃକା ବେଶ ର ଷଷ୍ଠ ଦିବସରେ ମା ମହାସରସ୍ୱତୀ ବେଶ ଧାରଣ କରି ବୀଣୁ ଧରି ବେଳେ ଶନି ବାର ମା' ଙ୍କ ମହାଲକ୍ଷ୍ମୀ ବେଶ ସହିତ ମହାଅଙ୍କ ର ପୂର୍ଣ୍ଣାହୂତି ପର୍ବ ଅନୁଷ୍ଠିତ ହେବ। ପୀଠ ରେ ଭକ୍ତ ମାନଙ୍କ ଦାନ ରେ ଜଗତ କଲ୍ୟାଣ ନିମନ୍ତେ ମହାଯଜ୍ଞଅନୁଷ୍ଠିତ ହେଉଅଛି। ଆଜି ଫଂଟା ଦିନରେ ବେଦ ପାଠ, ଚଣ୍ଡୀ ପାଠ, ଭାଗବତ ପାଠ, ରୁଦ୍ରାଭିଷେକ ଓ ନାମ ଙ୍କୀର୍ତ୍ତନ ଧୋନୀ ରେ ଏକ ନିଆରା ଆଧ୍ୟାତ୍ମିକ ପରିବେଶ ପରିଲକ୍ଷିତ ହୋଇଛି। ପୀଠ ରେ ଶିବ ରତ୍ନ ମଣି ଓ ଦୁର୍ଲଭ ଗୋମତୀ ଚକ୍ର ବର୍ତ୍ତନ ନିମନ୍ତେ ଭକ୍ତ ମାନଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳୁଛି । ପ୍ରତ୍ୟେକ ଦିନ ମଧ୍ୟାହ୍ନ ରେ ମା' ଙ୍କ ନିତି ପରେ ଭକ୍ତ ମାନଙ୍କୁ ମନ୍ଦିର ପ୍ରସାଶନ ତରଫରୁ ଅନ୍ନ ପ୍ରସାଦ ବଂଟନ କରାଯାଉଛି। ଆଜି ସାଂସ୍କୃତିକ ସନ୍ଧ୍ୟା ରେ ଭଜନ ଓ ନୃତ୍ୟ ପରିବେଷଣ କରଯାଇଛି।

ଭଡ଼ା ଘରୁ ଯୁବତୀଙ୍କ ମୃତଦେହ ଉଦ୍ଧାର
ହତ୍ୟା ଅଭିଯୋଗ ଆଣିଲେ ପରିବାର



ସୁନ୍ଦରଗଡ଼,୧୩/୧୧(ନି/ପ): ସୁନ୍ଦରଗଡ଼ ସହରରେ ଚାଂଚଲ୍ୟ। ଏକ ଭଡ଼ା ଘର ଭିତରୁ ମିଳିଛି ଜଣେ ଯୁବତୀଙ୍କ ମୃତଦେହ। ମୃତ ଯୁବତୀଙ୍କ ପରିଚୟ ଝାରସୁଗୁଡ଼ାଜିଲ୍ଲା ଜଟ୍‌ପାଲି ଅଂଚଳର ପୁଷ୍ପା ଖଡ଼ିଆ ଅଞ୍ଚଳର ଏକ ଭଡ଼ା ଘରେ ପୁଷ୍ପା ଜଣେ ଯୁବକଙ୍କ ସହ ରହୁଥିଲେ। ତେବେ ଗତ କିଛି ସମୟ ଧରି ଘର ଭିତରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବା ନେଇ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା । ଏହାପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ।ଖବର ପାଇ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଘଟଣାସ୍ଥଳକୁ ପହଞ୍ଚିଁଛି । ଘର ଖୋଲାଯିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଏବଂ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବ। ଅନ୍ୟପଟେ ପୁଷ୍ପାଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଘଟଣାକୁ ନେଇ ତେଙ୍ଗିଭାଡ଼ି ଅଂଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି । ପୁଷ୍ପାଙ୍କ ସହ ରହୁଥିବା ଯୁବକଙ୍କ ଭୂମିକା କ'ଣ, କେବେଠାରୁ ଘର ଭିତରେ ମୃତଦେହ ପଡ଼ିରହିଥିଲା ଏବଂ ଯୁବତୀଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା, ସେନେଇ ଏବେ ଉଠିଛି ଅନେକ ପ୍ରଶ୍ନ । ପୁଲିସର ତତ୍ତ୍ୱ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ମୃତ୍ୟୁର ରହସ୍ୟ ଉପରୁ ପରଦା ହଟିବ।

ଆଧ୍ୟାତ୍ମିକ ପତ୍ରିକା ଶକ୍ତିମୟୀ ଲୋକାର୍ପିତ

ଉତ୍ତୁଙ୍ଗ,୧୩/୧୧(ନି/ପ):ଏହି ଧାନମଣ୍ଡର ବୁକର ପ୍ରସିଦ୍ଧ ଶକ୍ତିପୀଠ ଟ୍ରାହୁଣପାଳ ଠାରେ ବୁଧବାର ଆଧ୍ୟାତ୍ମିକ ପତ୍ରିକା'ଶକ୍ତିମୟୀ'ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରାହୁଣପାଳସ୍ଥିତ ଆରାଧ୍ୟା ଦେବୀ ମା'ବଖିଶଳାଳୀଙ୍କ ମହିମା, ଐତିହ୍ୟ ଓ ଇତିହାସକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ପ୍ରକାଶିତ ପତ୍ରିକା ଶକ୍ତିମୟୀର ଅନୁବିଂଶତମ ସଂସ୍କରଣ ପୀଠ ପରିସରରେ ଅତିଥୀମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।ତଦ୍ଦିନ ଫଂଖ୍ୟାୟର ପତ୍ରିକାରେ ମା' ବକ୍ଷିଶଳାଳୀଙ୍କ ଆବିର୍ଭାବ, ମହିମା, ମାହାତ୍ମ୍ୟ, ପୂଜାବିଧି ଓ ଐତିହାସିକ ପରମ୍ପରା ସମ୍ପର୍କରେ ବିଭିନ୍ନ ତଥ୍ୟ ସ୍ଥାନ ପାଇଛି । ଏହି ଅବସରରେ ମା'ଙ୍କ ମୁଖ୍ୟ ପୂଜକ ସତ୍ୟେଶ ଭୂମାର ପଣ୍ଡା, ଟ୍ରାହୁଣପାଳ ଜାଳୀ କମିଟିର ସଂଯୋଜକ ହେମନ୍ତ କୁମାର ପୂଚାର,ଉତ୍ତୁଙ୍ଗ ସ୍ନାତକୋତ୍ତର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ରାମଚନ୍ଦ୍ର ପଣ୍ଡା,ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରମୁଖ ବୈଷୟିକ ତଥା ଉଦ୍ଭାବନ କାର୍ଯ୍ୟକ୍ରମ ହ୍ୟାକାଥନ - ୨୦୨୬ (ତୃତୀୟ ସଂସ୍କରଣ) ଗ୍ରାଣ୍ଡ ଫିନାଲେ ଉଦ୍‌ଘାଟିତ



ରାଉରକେଲା,୧୩/୧୧(ନି/ପ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ପ୍ରମୁଖ ବୈଷୟିକ ତଥା ଉଦ୍ଭାବନ କାର୍ଯ୍ୟକ୍ରମ 'ବିପିୟୁଟି ହ୍ୟାକାଥନ୍ - ୨୦୨୬' (ତୃତୀୟ ସଂସ୍କରଣ)ର ଗ୍ରାଣ୍ଡ ଫିନାଲେ ଆଜି ପୂର୍ବାହ୍ନ ୧୦:୩୦ରେ ବିଶ୍ୱବିଦ୍ୟାଳୟ ଛେଣ୍ଡ ସ୍ଥିତ ଜ୍ୟାମସର ନେତାଜୀ ସୁଭାଷ ପ୍ରେକ୍ଷାଗୃହରେ ଆନୁଷାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଏହି ୩୬ ଘଣ୍ଟିଆ ନିରବଚ୍ଛିନ୍ନ ଉଦ୍ଭାବନ ନଭେମ୍ବର ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେଉଛି । ଆଜିର ଉଦ୍ଘାଟନୀ ଉତ୍ସବରେ ଅଧକ୍ଷତା କରି ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପ